ସକାଳ THE SAKALA



## ସାର ଅଭାବ ଓ ଚାଷୀ ସମସ୍ୟାର ସମାଧାନ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ବିଜେଡିର ଦାବିପତ୍ର

ଛତ୍ରପୁର, ୧।୯ (ସମିସ)




ଗଞ୍ଜାମ ଜିଲ୍ଲାରେ ସାରର ଅଭାବ ଏବଂ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ରଣ ହୁଙ୍କାର ଦିଆଯାଇଛି। ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାର ବହୁ ପୂର୍ବତନ ବିଧାୟକ ଏବଂ ଆଗଧାଡ଼ିର ନେତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟାଙ୍କୁ ପ୍ରଦାନ କରିଥିଲେ। ଏହା ସହ 'ଡବଲ ଇଞ୍ଜିନ, ଡବଲ ଧୋକା' ଓ 'ଦିଲ୍ଲୀରୁ ରିମୋର୍ଟ ଚଳିବ ନାହିଁ' ବୋଲି ସ୍ଲୋଗାନ ଦେବା ସହ ସରକାରଙ୍କ ଚାଷୀମାରଣ ନୀତିକୁ ନିନ୍ଦା କରିଥିଲେ। ଚାଷୀଙ୍କ ପ୍ରତି ଅନ୍ୟାୟକୁ ବିଜୁ ଜନତା ଦଳ କେବେ ବି ସହ୍ୟ କରିପାରିବ ନାହିଁ। ତାଙ୍କ ପାଇଁ ଆବଶ୍ୟକ ହେଲେ ଆଇନକୁ ହାତକୁ ନେବ ବୋଲି କହିଛନ୍ତି। ଚଳିତ ଖରିଫ ଋତୁରେ ଚାଷୀମାନେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସମେତ ଅନ୍ୟାନ୍ୟ ସାର ପାଇ ପାରୁନାହାନ୍ତି, ଚାଷୀ ପଞ୍ଜୀକରଣ ଜଟିଳ ପ୍ରକ୍ରିୟା ଏବଂ ପଞ୍ଜୀକରଣ ନିମନ୍ତେ କମ ଅବଧି ମିଳିଥିବାରୁ ଅନେକ ଯୋଗ୍ୟ ଚାଷୀ ଏବଂ ଭାଗଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଗତବର୍ଷ ଖରିଫ ଧାନ ଅମଳ ସମୟର ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ମିଳିପାରିନାହିଁ ସମସ୍ତ ବୀମା କମ୍ପାନୀ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଚଳିତ ଖରିଫ ଋତୁରେ ନିଅଣ୍ଟିଆ ବର୍ଷାବେଳେ ଜଳସେଚନର ସୁବିଧା କରାଯାଉନଥିବା ନେଇ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏଣୁ ଏ ସମସ୍ତ ସମସ୍ୟାର ସମାଧାନ ଲାଗି ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାଷ ଚନ୍ଦ୍ର ବେହେରା, ଲତିକା ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ଶ୍ରୀକାନ୍ତ ସାହୁ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା ଓ କୈଳାସ ରଣା, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତାଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଶ୍ରୀରୁପ ଦେବ, ଅଜୟ ମହାରଣା, ନୀଳମଣି ପଟ୍ଟନାୟକ, ଯୁବନେତା ରଞ୍ଜନ ପଲାଇ, ବିମଳ କୁମାର ପଣ୍ଡା, ପ୍ରଶାନ୍ତ କୁମାର କର, ଛତ୍ରପୁର ଏନ୍‌ଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଛାତ୍ର ବିଜେଡି ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଯୁବ ବିଜେଡି ଜୋନ୍ ସଭାପତି ନଚିକେତା ସ୍ୱାଇଁ, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଯୁବ ବିଜେଡି ଛତ୍ରପୁର ବ୍ଲକ ଉପସଭାପତି କାହ୍ନୁ ଚରଣ ବେହେରା, କିଶୋର ବେହେରା, ଅଭିରାମ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଡ୍ରାଇଭର ଦିବସ ପାଳିତ




କବିସୂର୍ଯ୍ୟନଗର, ୧।୯ (ସମିସ): ଗଞ୍ଜାମ କବିସୂର୍ଯ୍ୟନଗର ଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ସ୍ଥାନୀୟ ଶାଖା ପକ୍ଷରୁ ଡ୍ରାଇଭର ଦିବସ ପାଳିତ ହୋଇଛି। ସଭାପତି ରାଜାରାଓ ରେଡ଼ିଙ୍କ ନେତୃତ୍ୱରେ ସମସ୍ତ ଡ୍ରାଇଭର କବିସୂର୍ଯ୍ୟନଗର ଏନଏସିରେ ଏକ ବିରାଟ ରାଲି ମାଧ୍ୟମରେ ନିଜର ଅବସ୍ଥିତି, ସେବା, ଏକତା ପ୍ରଦର୍ଶନ କରିଥିଲେ। ସଭାପତି ରାଜାରାଓ ରେଡି ସମେତ ଉପସଭାପତି ପ୍ରକାଶ ପଣ୍ଡା, ସମ୍ପାଦକ ସୁଶାନ୍ତ ସାହୁ, ସହ ସମ୍ପାଦକ ଟିଟୁ ଜେନା, କୋଷାଧ୍ୟକ୍ଷ କୁମୁଦ ଜେନା, ଉପଦେଷ୍ଟା ଅନାଥ ମଳିକ, ଶାନ୍ତନୁ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସହକାରୀ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କବିସୂର୍ଯ୍ୟନଗର, ୧।୯ (ସମିସ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଠାରେ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସବିତା କୁମାରୀ ବିଷୋୟୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେବା ନିବୃତ୍ତ ସଭାରେ ମୁଖ୍ୟ ଅତିଥି ଭାବେ ବିଇଓ ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ଏବିଇଓ ମାଧବ ଚନ୍ଦ୍ର ମାଝୀ, ବିଆରସିସି ରବିନାରାୟଣ ବେହେରା, ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ମିହିରକାନ୍ତ ସାହୁ, ଶ୍ରୀହର୍ଷ ପରିଡ଼ା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମା ଶଙ୍କର ସାହୁ ସମେତ ମାମିନି ଆଚାର୍ଯ୍ୟ, ମାମିନି ବିଷୋୟୀ, ପରୁସୁ ପାତ୍ର, ଲୋପାମୁଦ୍ରା ସାହୁ, ଅର୍ଚ୍ଚନା ସାହୁ, ସଲୀଳା କୁମାରୀ ମିଶ୍ର, ଯଶସ୍ୱିନୀ ବେହେରା, ଶିବଶଙ୍କର ସାହୁ, ଅମୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜନଗର ପୌର ପରିଷଦରେ ମିଶିବ ୧୫ ଗାଁ

ଭଞ୍ଜନଗର, ୧।୯ (ସମିସ): ରାଜ୍ୟ ସରକାର ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି। ଏଥିସହ ଜଗନ୍ନାଥପ୍ରସାଦକୁ ଏନ୍‌ଏସି ଘୋଷଣା କରିଛନ୍ତି। ମ୍ୟୁନିସିପାଲିଟିରେ ଭଞ୍ଜନଗର ସହର ତଳି ୫ଟି ପଞ୍ଚାୟତର ୧୫ଟି ଗ୍ରାମ ମିଶିବା ପାଇଁ ପ୍ରସ୍ତାବ ରହିଛି। ସେଗୁଡ଼ିକ ହେଲା ଜିଲୁଣ୍ଡି ପଞ୍ଚାୟତର ଜିଲୁଣ୍ଡି ଏବଂ ଅଗଝୋଳ। ବାଉଁଶଲୁଣ୍ଡି ପଞ୍ଚାୟତର ବାଉଁଶଲୁଣ୍ଡି, ଗାମୁଣ୍ଡି, ଧୂମୁଛାଇ, ଢୁଢୁଆ, ଡିହପଢ଼ାଲ ପଞ୍ଚାୟତର ଡିହପଢ଼ାଲ, ତୁଳସୀପଲ୍ଲୀ, ବେଣାକୁଣ୍ଡା, ଲାଲସିଂ ପଞ୍ଚାୟତର ଲାଲସିଂ, ଛେଦାଭୂମି, ରାଜକୁଣ୍ଡୁ ବଡ଼କୋଦଣ୍ଡା ପଞ୍ଚାୟତର ବଡ଼କୋଦଣ୍ଡା ଓ ପଥରା ପ୍ରମୁଖ। ଏ ନେଇ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଆସିଲେ ଜଣାପଡ଼ିବ କେତେ ଗ୍ରାମ ଯୋଡ଼ିହେଲା। ୧୫ଟି ଗ୍ରାମ ବର୍ତ୍ତମାନ ପ୍ରସ୍ତାବ ଯାଇଛି। ଗତ ସଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛି ନୂତନ ଏନ୍‌ଏସି ଏବଂ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ତତ୍କାଳୀନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଞ୍ଜନଗରକୁ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। କିନ୍ତୁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ହୋଇ ନ ଥିବା ଯୋଗୁଁ ବିଜ୍ଞପ୍ତି ପ୍ରକାଶ ପାଇପାରି ନ ଥିଲା। ଏହାପରେ ସଧାରଣ ନିର୍ବାଚନ ଘୋଷଣା ହୋଇଯାଇଥିଲା। ଫଳରେ ଉକ୍ତ ଫାଇଲ ଅଟକି ରହିଯାଇଥିଲା। ବିଜେପି ପକ୍ଷରୁ ଏହା ମିଥ୍ୟା ଘୋଷଣା ବୋଲି ଅଭିଯୋଗ କରାଯାଇଥିଲା। ଭଞ୍ଜନଗରରୁ ବିଜେପି ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ସହ ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା କିଭଳି ମିଳିବ ସେଥିପାଇଁ ଯୋଜନା ଆରମ୍ଭ କରିଥିଲେ।

## ସାଂସଦ ଓ ବିଧାୟକଙ୍କୁ ସମସ୍ୟା ଜଣାଇଲେ ରମ୍ଭାବାସୀ



ରମ୍ଭା, ୧।୯ (ସମିସ): ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ଅବସରରେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଏହି ସମୟରେ ରମ୍ଭା ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସେବା ବିଗିଡ଼ିବା, ଯଥେଷ୍ଟ ପରିମାଣରେ ଡାକ୍ତର ନିଯୁକ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରିବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ସେହିପରି ଟିକରପଡ଼ା ପ୍ରାଥମିକ ବିଦ୍ୟାଳୟରେ ୧୧କେ. ଭି ତାର ଛାତକୁ ଲାଗି ରହିବା ଓ ମୁକୁଳା ଡ୍ରେନ୍ ପିଲାଙ୍କ ପ୍ରତି ବିପତି ସୃଷ୍ଟି କରିବା ଆଦି ପ୍ରସଙ୍ଗ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ବୁଦ୍ଧିଜୀବୀ ସୁଜିତ କୁମାର ବେହେରା ନଜରକୁ ଆଣିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଫିସ କର୍ମଚାରୀ ୱାର୍ଡ ସଭ୍ୟ, ସଭ୍ୟା ଓ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ବେଲଗୁଣ୍ଠା, ୧।୯ (ସମିସ): ବେଲଗୁଣ୍ଠା ବ୍ଲକ ବିଏଲ୍‌ଏସ୍‌ପୁର ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁବେର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରି ଲୋପାମୁଦ୍ରା ରଥ ଯୋଗଦେଇ କ୍ରୀଡ଼ା




ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବେଲଗୁଣ୍ଠା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଗୁରୁକୁଳ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଯୋଗ ଦେଇଥିଲେ। ଦଶଟି ବିଦ୍ୟାଳୟର ପ୍ରାୟତଃ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିବା ବେଲଗୁଣ୍ଠା ବ୍ଲକ କ୍ରୀଡ଼ା ସମ୍ପାଦକ ଆଶୁତୋଷ ସ୍ୱାଇଁ ପ୍ରକାଶ କରିଛନ୍ତି। କ୍ରୀଡ଼ା ପର୍ଯ୍ୟବେକ୍ଷକ ଭାବେ ଭଞ୍ଜନଗର ସୋମନାଥ ଅଭ୍ୟାସ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରବୀଣ କୁମାର ଖାଡ଼ଙ୍ଗା ଯୋଗ ଦେଇଥିବା ବେଳେ ବେଲଗୁଣ୍ଠା ବ୍ଲକ କ୍ରୀଡ଼ା ସମ୍ପାଦକ ଆଶୁତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ଦୁର୍ଗା ମାଧବ ଶତପଥି, ସଂଗ୍ରାମ କେଶରୀ ପରିଡ଼ା, ଈଶ୍ୱର ମଲ୍ଲିକ, ଉଦବତୀ ପ୍ରଧାନ, ବର୍ଷାରାଣୀ ସ୍ୱାଇଁ, ଧରିତ୍ରୀ ପ୍ରଧାନ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଅତିଥି ମାନଙ୍କ ଉପସ୍ଥିତିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ରଥଙ୍କୁ ହସ୍ତାନ୍ତର କରାଯାଇଥିଲା। ସହକାରୀ ଶିକ୍ଷକ ଭିକାରୀ ଚରଣ ବେହେରା, ଦୟାନିଧି ପାଢ଼ୀ, ସୁଦେଷ୍ଣା ବେହେରା, ପ୍ରତାପ ବିଶ୍ୱାଳ, ଲାବଣ୍ୟ ପ୍ରଧାନ, ସଂସାର ପୋଲେଇ ଏବଂ କ୍ରୀଡ଼ା ଶିକ୍ଷକ ବାୟା ସେଠୀ ସହଯୋଗ କରିଥିଲେ।

## ସାର ପାଇଁ ଲମ୍ବା ଧାଡ଼ି; ଚପଲ ଥୋଇ ଚାଷୀଙ୍କ ଅପେକ୍ଷା



### ଯୋଗାଣରେ ସରକାର ବିଫଳ

ଆସିକା, ୧।୯ (ସମିସ): ଧାନ ରୁଆ ସରିଛି। ହେଲେ ଏବେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି ସାରର ନିଅଣ୍ଟିଆ ଯୋଗାଣ ଓ କଳା ବଜାର। ତେଣୁ ସାର ବିସ୍ତାଏ ପାଇଁ ଚାଷୀଙ୍କୁ କରିବାକୁ ପଡୁଛି ସଂଘର୍ଷ। ଧାନ ଚାଷ ପାଇଁ ଏବେ ୟୁରିଆ ପିଡ଼ିଆର ଆବଶ୍ୟକ ଅଧିକ ଥିବା ବେଳେ ସୋସାଇଟି ଗୁଡିକରେ ସାର ମିଳୁନି। ଫଳରେ ଚାଷୀ ସାର ବସ୍ତାଏ ପାଇଁ ଡିଲର ଠାରୁ ଆରମ୍ଭ କରି ସମବାୟ କେନ୍ଦ୍ର ସମ୍ମୁଖରେ ଲମ୍ବା ଧାଡିରେ ଛିଡା ହେବାକୁ ପଡୁଛି। ସୋମବାର ଦିନ ସକାଳୁ ସକାଳୁ ଆସିକା ବସଷ୍ଟାଣ୍ଡ ନିକଟରେ ଥିବା ସାର ଯୋଗାଣ କେନ୍ଦ୍ର ସମ୍ମୁଖରେ ଚାଷୀଙ୍କ ଲମ୍ବା ଧାଡି ହୋଇଥିଲା। ଆସିକା ବହୁ ମୁଖୀ କେନ୍ଦ୍ର ସମବାୟ ସମିତି ସମ୍ମୁଖରେ ଲୋକେ ସକାଳୁ ଆସି ଧାଡିରେ ନିଜ ନିଜର ଜୋତାକୁ ରଖି ଜଗି ରହିଥିଲେ। କେତେବେଳେ ପାଳି ଆସିବ ବସ୍ତାଏ ସାର ନେଇ ନିଜ ଫସଲରେ ପକାଇବେ। ଦିର୍ଘ ସମୟ ଧରି ନ ଖାଇ ନ ପିଇ ଶେଷରେ କେତେକ ଚାଷୀ ପିଡ଼ିଆ ଧରି ଯାଇଥିଲେ। ବହୁ ମୁଖି କେନ୍ଦ୍ର ସମବାୟ ସମିତିରେ ଚାଷୀଙ୍କୁ ଦୁଇ ବସ୍ତା ଲେଖାଏଁ ସାର ଦିଆ ଯାଇଥିବା ଦାୟିତ୍ୱରେ ଥିବା ଅଧିକାରୀ ଜଣଙ୍କ କହିଛନ୍ତି। ଏମିତିକି ବର୍ଷାରେ ବି ଭିଜି ଭିଜି ଲୋକେ ସାର ପାଇଁ ଅପେକ୍ଷା କରିଥିଲେ। କିନ୍ତୁ ଯେତିକି ଚାଷୀ ଥିଲେ ସମସ୍ତଙ୍କୁ ସାର ନ ହେବାରୁ ଶେଷରେ ସକାଳ ୬ ଟାରୁ ଛିଡ଼ା ହୋଇଥିବା ଚାଷୀ ନିରାଶ ହୋଇ ଫେରିଥିଲେ। ଏପରିକି ସେଠାରେ କିଛି ସମୟ ଧରି ଚାପା ଉତ୍ତେଜନା ଦେଖା ଦେଇଥିଲା। ଶେଷରେ ପୁଲିସ ଆସି ଲୋକଙ୍କୁ ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରପକ୍ଷେ ଏନେଇ କୌଣସି ଅଧିକାରୀ ମୁହଁ ଖୋଲୁ ନାହାନ୍ତି।

## ସମସ୍ୟା ବଢ଼ା ଉଛି ପଥର କୁଆଁରୀ

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ଛତ୍ରପୁର, ୧।୯ (ସମିସ): ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତର ଝରପୋଖରୀ ଗ୍ରାମକୁ ଲାଗି ରହିଥିବା ପଥର କୁଆଁରୀ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଉକ୍ତ ପଥର କୁଆଁରୀରେ କରାଯାଉଥିବା ଅନବରତ ପଥର ବ୍ଲାଷ୍ଟିଂ ଯୋଗୁଁ ଶବ୍ଦ ପ୍ରଦୂଷଣ ହେବାରେ ଲାଗିଛି। ଏମିତିକି, ଗ୍ରାମର ଘରଗୁଡ଼ିକ ଉପରେ ପଥର ଛିଟିକି ପଡୁଥିବା ମଧ୍ୟ ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ଗ୍ରାମରେ ବାସ କରୁଥିବା ଛାତ୍ରଛାତ୍ରୀ ପାଠ ପଢ଼ିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଗ୍ରାମରେ ପିଇବା ପାଣି ମଧ୍ୟ ଦୂଷିତ ହେଉଥିବା ନେଇ ସୋମବାର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କଟାଙ୍କୁ ପ୍ରଦାନ କରିଛନ୍ତି ଗ୍ରାମବାସୀ। ଏହି ପଥର କୁଆଁରୀକୁ ଯାଉଥିବା ବଡ଼ ବଡ଼ ପଥର ବୋଝେଇ ଭାରିଯାନଗୁଡ଼ିକ ଯିବା ଆସିବା କରିବା ଫଳରେ କେନାଲ ଓ ଗ୍ରାମ ପାର୍ଶ୍ୱ ରାସ୍ତା ଭାଙ୍ଗି ଯିବା ସହ ରାସ୍ତାଟି ଖାଲଖମା ହୋଇ ଖରାପ ହୋଇଗଲାଣି। ଏଣୁ ଏହାର ସମାଧାନ କରିବା ସହିତ ଉକ୍ତ ପଥର କୁଆଁରୀ ଉପରେ ଅଙ୍କୁଶ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚିକଲଖଣ୍ଡି ପଞ୍ଚାୟତର ୱାର୍ଡମେମ୍ବର ସତ୍ୟ ପ୍ରଧାନ, ଯୁବ ନେତା ଅଭିରାମ ପ୍ରଧାନ, ମହେଶ୍ୱର ଦାସ, ରମେଶ ଦାସ, ମହେଶ୍ୱର ପ୍ରଧାନ, ଜୟ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ଶଙ୍କର ଦାସ, ସୁଶାନ୍ତ ଦାସ, ଭିକାରୀ ଦାସ, ଶଙ୍କର ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ସୁରେଶ ପ୍ରଧାନ ଓ ଲୋକନାଥ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପୋଲସରା, ୧।୯ (ସମିସ): ପୋଲସରା ବ୍ଲକ ସାନବରଗାଁସ୍ଥିତ ଲିଙ୍ଗରାଜ ହାଇସ୍କୁଲରେ ସୋମବାର ଜୋନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ଡାକ୍ତର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲିଙ୍ଗରାଜ ହାଇସ୍କୁଲର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଦଣ୍ଡପାଣି ପ୍ରଧାନ, ଇନ୍ଦିରାମଣି ପଟ୍ଟନାୟକ, ସରପଞ୍ଚ ମାମା ସାହୁ, ଏସ୍‌ଏମ୍‌ସି ସଭାପତି ଭାରତୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ଅଭିମନ୍ୟୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଧୁପଲୀ ସ୍କୁଲର ପ୍ରଧାନ ଶିକ୍ଷକ ଲମ୍ବୋଦର ସାହୁ, ଚିରିକିପଡ଼ା ଶାସନର ବୁଲୁ ବେହେରା, ଇଚ୍ଛାପୁର ବିଦ୍ୟାଳୟର ଅଶୋକ ନାୟକ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମା ସିଂହାସନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ପାଢ଼ୀ ପ୍ରମୁଖଙ୍କ ସମେତ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ଥିଲେ।

## କଳାକାର ଭାଗୀରଥି ସାମଲଙ୍କ ପରଲୋକ

କବିସୂର୍ଯ୍ୟନଗର, ୧।୯ (ସମିସ): କବିସୂର୍ଯ୍ୟନଗର ୱାର୍ଡନଂ ୧୬ ବାସିନ୍ଦା ବରିଷ୍ଠ କଳାକାର ଭାଗୀରଥି ସାମଲ (୮୯)ଙ୍କ ପରଲୋକ ଘଟିଛି। ସେ ହାରମୋନିୟମ୍ ବାଦନରେ ବେଶ୍ ପାରଙ୍ଗମ ଥିବାବେଳେ ପ୍ରଶିକ୍ଷଣ ମଧ୍ୟ ଦେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ବନ୍ଧୁବାନ୍ଧବଙ୍କ ସମେତ ଶିକ୍ଷକ ମଙ୍ଗୁଲୁ ଚରଣ ଜେନା, ଲକ୍ଷ୍ମୀ ଚର୍ଚ୍ଚି, କୃଷ୍ଣ ବେହେରା, ଲାୟନ୍ସ କ୍ଲବ୍ ସଭାପତି ତଥା ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ, ଶିକ୍ଷାବିତ ତଥା ଆଇନଜୀବୀ ପ୍ରଭାତ କୁମାର ସାମଲ, ଆଇନଜୀବୀ ଅଶୋକ କୁମାର ମହାରଣା, ଯଦୁକୁଳଚନ୍ଦ୍ର ପଟ୍ଟନାୟକ, ରାମ ଜେନା, ଯୋଗୀନ୍ଦ୍ର ଜେନା, ରବୀନ୍ଦ୍ର ଜେନାଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ କମା ସାମଲ, ପୁଅ ଚିତ୍ରସେନ, ନାତି, ନାତୁଣୀ ଜ୍ୱାଇଁ, ନାତୁଣୀବୋହୂ, ଭାଇଙ୍କ ସମେତ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ଶେଷକୃତ୍ୟ ଗାଁ ଶିବଶକ୍ତି ଶ୍ମଶାନରେ ହୋଇଥିଲା। ସେ ଜଣେ ପରୋପକାରୀ, ଭଦ୍ର, ଶାନ୍ତଶିଷ୍ଟ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ଅବ୍ୟବସ୍ଥାରେ ଗଣିବାଲି ପ୍ରାଥମିକ ବିଦ୍ୟାଳୟ

# ସ୍କୁଲକୁ ରାସ୍ତା ନାହିଁ; କୂଅ ପାଣିରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି







ଫିରିଙ୍ଗିଆ, ୧।୯ (ସମିସ)

ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ ସରକାର ସ୍ମାର୍ଟ ଶ୍ରେଣୀଗୃହ, ରାସ୍ତା ଏବଂ ଅନ୍ୟାନ୍ୟ ଶିକ୍ଷଣୀୟ ସାମଗ୍ରୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଅନେକ ଉପାନ୍ତ ଅଞ୍ଚଳର ବିଦ୍ୟାଳୟ ରହିଛି ଯେଉଁଠିକୁ ଆଜିପର୍ଯ୍ୟନ୍ତ ରାସ୍ତା ନାହିଁ। ଏଥିଯୋଗୁଁ ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀ କିଭଳି ଶିକ୍ଷା ଗ୍ରହଣ କରୁଥିବେ ସହଜେ ଅନୁମେୟ। ଏଭଳି ଏକ ପ୍ରାଥମିକ ବିଦ୍ୟାଳୟ ରହିଛି ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୧୫ ରୁ ୧୭ କିଲୋମିଟର ଦୂରରେ। ଭୃଙ୍ଗିଯୋଡ଼ି ପଞ୍ଚାୟତର ଉପାନ୍ତ ଅଞ୍ଚଳ ବଣ ପାହାଡ଼ ଘେରା ଗଣିବାଲି ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟ ଭୃଙ୍ଗିଯୋଡି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୬ ରୁ ୭ କିଲୋମିଟର ଦୂରରେରେ ରହିଛି। ବର୍ତ୍ତମାନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମଳିକ ଓ ସହକାରୀ ଶିକ୍ଷକ ବୈରାଗୀ ଚରଣ ନାୟକ ୨ ଜଣ ଶିକ୍ଷକ ଅଛନ୍ତି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀରେ ୧୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟକୁ ଆଜି ପର୍ଯ୍ୟନ୍ତ ରାସ୍ତା ନାହିଁ। ୪ କିଲୋମିଟର ଦୂର ଭିତରେ ଛାତ୍ରଛାତ୍ରୀ ଛୋଟ ଚଲା ରାସ୍ତା ଏବଂ ଜଙ୍ଗଲ ମଧ୍ୟରେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଛନ୍ତି। ବିଦ୍ୟାଳୟକୁ ରାସ୍ତା ନଥିବାରୁ ବାଇକ୍‌ରେ ଯିବା କଷ୍ଟକର ହେଉଥିବାରୁ ଅଧା ରାସ୍ତାରେ ୨ ଜଣ ଶିକ୍ଷକ ବାଇକ ରଖି ଚାଲିଚାଲି ବିଦ୍ୟାଳୟକୁ ଯାଉଛନ୍ତି। ବିଦ୍ୟାଳୟକୁ ରାସ୍ତା ଦୂରର କଥା ଗାଁକୁ ଯିବାକୁ ହେଲେ ଘାଟି ପାହାଡ଼ ଖାଲଢିପ ଭଳି ଛୋଟ ରାସ୍ତାଟିଏ ଥିବାବେଳେ

### ବିଦ୍ୟୁତ୍ ସଂଯୋଗ ନଥାଇ ଝୁଲୁଛି ପଙ୍ଖା

ବର୍ଷାଦିନେ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଦୂରର କଥା ସାଧାରଣ ଲୋକ ଯିବା ଅସମ୍ଭବ ହୋଇ ପଡୁଛି। ଜଙ୍ଗଲ ଘେରା ଏବଂ ଉପାନ୍ତ ଅଞ୍ଚଳର ବିଦ୍ୟାଳୟ ହୋଇଥିବାରୁ ଠିକାଦାର ନିମ୍ନମାନର ବିଦ୍ୟାଳୟ ଗୃହ ନିର୍ମାଣ କରିଥିବାରୁ ତାହା ଅଳ୍ପଦିନ ଭିତରେ ଭାଙ୍ଗିରୁଜି ଯାଉଛି। ବର୍ତ୍ତମାନ ବିଦ୍ୟାଳୟରେ ଥିବା ଶୌଚାଳୟ ଭାଙ୍ଗି ଯାଇଥିବାରୁ ପିଲାଏ ଶୌଚ ପାଇଁ ବହୁ ହଇରାଣ ହେଉଛନ୍ତି। ଭଙ୍ଗା ବିଦ୍ୟାଳୟର ମରାମତି ପାଇଁ ପ୍ରଶାସନ ତରଫରୁ ଆବଶ୍ୟକ ଅର୍ଥ ମଞ୍ଜୁର କରୁନାହାନ୍ତି। ମରାମତି କରୁଥିବା ଠିକାଦାର ଗତ ୨୦୨୨ -୨୩ ମସିହା ଠାରୁ କାମ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ନସାରି ଭଙ୍ଗାଭଙ୍ଗି କରି କିଛି ଟିଣ ପକାଇ ତଳ ଚଟାଣ ଖୋଳି ଛାଡ଼ି ଦେଇଛନ୍ତି। ଏଥିଯୋଗୁଁ ଶିକ୍ଷାଦାନ ମଧ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଭାବକ କହିଛନ୍ତି। ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ ହୋଇନାହିଁ କିନ୍ତୁ ଶ୍ରେଣୀଗୃହ ଭିତରେ ୱେରିଂ କରି ୩ରୁ ୪ ଫ୍ୟାନ ଲଗାଯାଇଛି। ଯେଉଁ ଶିକ୍ଷକ ଏହି ବିଦ୍ୟାଳୟରେ ଅଛନ୍ତି ଦୀର୍ଘ ୧୭ ବର୍ଷ ହେଲା ରହିଲେଣି। ବିଭାଗୀୟ ଅଧିକାରୀ ଏହି ବିଦ୍ୟାଳୟର ବିକାଶ କି ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟରେ ପିଇବା କିମ୍ବା ରୋଷେଇ କରିବାକୁ ପାଣି ବ୍ୟବସ୍ଥା ମଧ୍ୟ ନାହିଁ। ବିଲ କଡରେ ଥିବା ଏକ କୂଅରୁ ପାଣି ଆଣି ଛାତ୍ରଛାତ୍ରୀ ପିଉଛନ୍ତି ଓ ରୋଷେଇ ମଧ୍ୟ କରାଯାଉଛି। ଶିକ୍ଷକ ଦୈନିକ ଆସୁଛନ୍ତି, ପାଠ ବି ପଢ଼ା ହେଉଛି କିନ୍ତୁ ରାସ୍ତା ନଥିବାରୁ ଅସୁବିଧା ହେଉଥିବା ଗ୍ରାମବାସୀ କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୩ଶହରୁ ଊର୍ଦ୍ଧ୍ୱ ଗଣେଶ ମୂର୍ତ୍ତି ବିସର୍ଜନ କଲା ସବୁଜ ବାହିନୀ



ବ୍ରହ୍ମପୁର,୧।୯ (ସମିସ): ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଗଜାନନଙ୍କ ପ୍ରତିମୂର୍ତ୍ତିକୁ ଉଦ୍ଧାର କରି ବିସର୍ଜନ କରାଯାଇଥିଲା। ସହରର ବିଭିନ୍ନ ପୋଖରୀ ହୁଡାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ତିନିଶହରୁ ଅଧିକ ମୂର୍ତ୍ତିକୁ ଅନୁଷ୍ଠାନର ସଦସ୍ୟମାନେ ଗାଡି ଯୋଗେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପ୍ରସ୍ତୁତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିଥିଲେ। ଗଣେଶ ପୂଜା ପାଇଁ ସଭିଏଁ ପ୍ରଭୁଙ୍କ ସ୍ୱାଗତ ଧୁମଧାମରେ କରିଥିବା ବେଳେ ପ୍ରତିମୂର୍ତ୍ତି ଗୁଡିକର ବିସର୍ଜନ କ୍ଷେତ୍ରରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମହାନଗର ନିଗମ ବିସର୍ଜନ ପାଇଁ ୪ଟି ଅସ୍ଥାୟୀ ପୋଖରୀର ବ୍ୟବସ୍ଥା କରିଥିଲା। କିନ୍ତୁ ସେଠାରେ ବିସର୍ଜନ କରିବା ପରିବର୍ତ୍ତେ ବିଭିନ୍ନ ସାହିରେ ଥିବା ପୋଖରୀରେ ମୂର୍ତ୍ତିଗୁଡିକୁ ବୁଡାଇ ଆଣି ପୁଣି ହୁଡାରେ ଥୋଇ ଦିଆଯାଇଥିଲା। ଏପରିକି ଅନେକ ମୂର୍ତ୍ତି କେଉଁଠି ବରଗଛ ମୂଳେ ତ ଆଉ କେଉଁଠି ପୋଖରୀ ହୁଡାରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ଯାହା ଗଜାନନଙ୍କ ପ୍ରତି ଅସମ୍ମାନ ବୋଲି ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। ଏହାକୁ ନେଇ ସବୁଜ ବାହିନୀ ପକ୍ଷରୁ ହରିଡାଖଣ୍ଡି ବନ୍ଧ, ଧୋବା ବନ୍ଧ, ଜଗବନ୍ଧୁ ସାହି ପୋଖରୀ, ଆଇନାବନ୍ଧ ସାହି ପୋଖରୀ, ପାଣିଗ୍ରାହୀପେଣ୍ଠ ପୋଖରୀ ଓ ବିଜିପୁର ପୋଖରୀ ହୁଡାରେ ପଡ଼ିଥିବା ଶତାଧିକ ମୂର୍ତ୍ତିକୁ ନେଇ ବିସର୍ଜନ କରାଯାଇଛି। କାର୍ଯ୍ୟକ୍ରମରେ ଏ. ପ୍ରକାଶ, ଏମ୍. ଦିଲ୍ଲୀପ କୁମାର, ସାମ୍ବାଦିକ ସ୍ୱାଧୀନ ସାହୁ, ଶଙ୍କର ସାହୁ ଓ କାଳିଆ ସାହୁ ପ୍ରମୁଖ ସହାୟତା କରିଥିଲେ।

## ନିଆଁ ଲାଗି ନାବାଳକ ଗୁରୁତର

ବ୍ରହ୍ମପୁର,୧।୯ (ସମିସ): ନିଆଁ ଲାଗି ଜଣେ ନାବାଳିକା ଗୁରୁତର ହୋଇଥିବା ଜଣାପଡ଼ିଛି। ସଦର ଥାନା ଅନ୍ତର୍ଗତ ରୋହିଗାଁସ୍ଥିତ ନଳିହାଡ଼ ଗ୍ରାମରେ ରବିବାର ରାତିରେ ଗଜାନନଙ୍କ



ବିସର୍ଜନ ବେଳେ ଏଭଳି ଅଘଟଣ ଘଟିଥିଲା। ଏଥିରେ ସଂପୃକ୍ତ ନାବାଳକ ଗୁରୁତର ହୋଇଛନ୍ତି। ଆହତ ନାବାଳକ ଜଣକ ହେଲେ ଗ୍ରାମର ଶିବ ସ୍ୱାଇଁ(୧୪)। ଗ୍ରାମରେ ଗଣେଶ ପୂଜା ହୋଇଥିଲା। ରବିବାର ରାତିରେ ଭସାଣି ଲାଗି ଡିଜେ ବାଦ୍ୟର ତାଳେ ତାଳେ ସମସ୍ତେ ନାଚି ନାଚି ପୋଖରୀକୁ ଯାଉଥିଲେ। ଏହି ସମୟରେ ଦୁଇ ନାବାଳକ ହାତରେ ଗୋଟିଏ ବାଡ଼ିରେ କନା ଗୁଡ଼ାଇ ସେଥିରେ ପେଟ୍ରୋଲ ପକାଇ ନିଆଁ ଲଗାଇବା ଖେଳ ଦେଖାଉଥିଲେ। ଏପରି ଏକାଧିକ ଥର କରିବା ପରେ ଅସାବଧାନତା ହେତୁ ଜଣେ ନାବାଳକଙ୍କ ଦେହରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ନିଆଁକୁ ଲିଭାଇ ଦେଇଥିଲେ ମଧ୍ୟ ନାବାଳକଙ୍କ ମୁହଁରୁ ବେକ ପର୍ଯ୍ୟନ୍ତ ଜଳିଯାଇଛି। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

ବ୍ରହ୍ମପୁର,୧।୯ (ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶର୍ବଣା ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆଇଏଏସ ପ୍ରବେସନ୍ ମ୍ରିଣାଲିକା ରାଠୋର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଜମି, ଶ୍ରମିକ କାର୍ଡ, ରାସନ୍ କାର୍ଡ ଓ ରାସ୍ତାଘାଟ ଆଦି ସମସ୍ୟା ନେଇ ସମୁଦାୟ ୧୭୫ଟି ଅଭିଯୋଗ ଦାଖଲ ହୋଇଛି। ଏଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୫୦ଟି ଓ ଗ୍ରାମ ଭିତ୍ତିକ ସମସ୍ୟା ୧୩ଟି ରହିଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ରେଡକ୍ରସ ତରଫରୁ ୯ ଜଣଙ୍କୁ ୮୩ହଜାର ୫୦୦ଟଙ୍କାର ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡ଼ିଓ ଓ ତହସିଲଦାର ଉପସ୍ଥିତ ଥିଲେ। ଚଳିତ ଥର ଅଭିଯୋଗ ନେଇ ଆସିଥିବା ବ୍ୟକ୍ତିଙ୍କ ସମସ୍ୟାର ତଥ୍ୟ ଜନଶୁଣାଣି ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ୱେବସାଇଟରେ କିଛି ସମସ୍ୟା ରହିଥିବା ବେଳେ ଅଭିଯୋଗକାରୀଙ୍କ ତଥ୍ୟ ୱେବସାଇଟରେ ଅପଲୋଡ କରିବାରେ ସମସ୍ୟା ହୋବାରୁ ଘଣ୍ଟା ଘଣ୍ଟା ଧରି ଲୋକଙ୍କୁ ଲାଇନରେ ଠିଆ ହୋଇଥିଲେ।

## ବିଜେପି ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ବ୍ରହ୍ମପୁର,୧।୯ (ସମିସ): ସ୍ଥାନୀୟ ଗିରିଜା ଛକରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ସାଂସଦ ରାହୁଲ ଗାନ୍ଧୀ ଓ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିହାରର ଦରଭଙ୍ଗା ଜିଲ୍ଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ବେଳେ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ମା'ଙ୍କ ବିରୋଧରେ ଅଶାଳୀନ ଟିପ୍ପଣୀ ଦେଇଥିଲେ। ଏହା ସହ ଯାତ୍ରାରେ ସାମିଲ ଥିବା କିଛି ନେତା ଓ କାର୍ଯ୍ୟକର୍ତ୍ତା ମୋଦୀଙ୍କ ବିରୋଧରେ ନାରାବାଜି ଦେଇଥିବା ବିଜେପି ଅଭିଯୋଗ କରିଥିଲା। ଏହା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୁହେଁ ଦେଶର ଗଣତନ୍ତ୍ର ପ୍ରତି ଘୋର ଅପମାନ ହୋଇଥିବା ଦାବି ହୋଇଥିଲା। ଏହାକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ପକ୍ଷରୁ ଉଭୟ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କାର୍ଯ୍ୟକ୍ରମରେ ମେୟର ପ୍ରାର୍ଥୀନୀ ସବିତା ସୁଆର, ରାଜ୍ୟ ପ୍ରବକ୍ତା ଟି. ଗୋପି, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସରତ ପଟ୍ଟନାୟକ, କର୍ପୋରେଟର ସବିତା ସାହୁ, ବନିତା ସାହୁ, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ସୁମନ୍ତ ସାହୁ ଓ ପୂର୍ବତନ କର୍ପୋରେଟର ବଦ୍ରିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଆଇଟିଆଇରେ ପୂରଣ ହେଲାନି ସିଟ୍

### ଛତ୍ରପୁର, ବ୍ରହ୍ମପୁର, ହିଞ୍ଜିଳି ଓ ପୁରୁଷୋତ୍ତମପୁରରେ ଫାଙ୍କା

### ବ୍ରହ୍ମପୁର ଆଇଟିଆଇରେ ଛାତ୍ରୀଙ୍କ ସଂଖ୍ୟା ହ୍ରାସ




ବ୍ରହ୍ମପୁର,୧।୯ (ସମିସ)

ଗଞ୍ଜାମ ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଆଇଟିଆଇ ଗୁଡ଼ିକରେ ଚଳିତବର୍ଷ ସମସ୍ତ ସିଟ୍ ପୂରଣ ହୋଇପାରିନି। ବିଗତ ଦିନଗୁଡ଼ିକରେ ଆଇଟିଆଇ ପ୍ରତି ବିଦ୍ୟାର୍ଥୀମାନେ ମନ ବଳାଇଥିବା ବେଳେ ଏବେ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ଏବେ ସ୍ପଟ ଆଡମିଶନ ସରିଥିବା ବେଳେ ବ୍ରହ୍ମପୁର, ଛତ୍ରପୁର, ହିଞ୍ଜିଳି ଓ ପୁରୁଷୋତ୍ତମପୁର ଆଇଟିଆଇରେ ସିଟ୍ ଫାଙ୍କା ପଡ଼ିଥିବା ଜଣାପଡ଼ିଛି। ବିଶେଷକରି ଛାତ୍ରୀଙ୍କ ନାମଲେଖାକୁ ନେଇ ବ୍ରହ୍ମପୁର ଆଇଟିଆଇ ବିଗତ ଦିନରେ ନୂତନ ଉଦାହରଣ ସୃଷ୍ଟି କରିଥିବା ବେଳେ ଚଳିତବର୍ଷ ପଛରେ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଏହି ଅନୁଷ୍ଠାନ ପ୍ଲେସମେଣ୍ଟ ଓ ଦକ୍ଷତା ବୃଦ୍ଧିର ଏକ ପ୍ରତୀକ ଭାବେ ସାରା ଦେଶରେ ଖ୍ୟାତି ଅର୍ଜନ କରିଥିଲା। ନଷ୍ଟରୁ ଶ୍ରେଷ୍ଠ କଳାକୃତି ସୃଷ୍ଟି ଦିଗରେ ଏକ ମାଇଲଖୁଣ୍ଟ ସାଜିଥିଲା। କିନ୍ତୁ ଏହି ଅନୁଷ୍ଠାନରେ ମଧ୍ୟ ସମସ୍ତ ସିଟ୍ ପୂରଣ ନ ହେବା ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଦକ୍ଷତା ବିକାଶର ବିଭିନ୍ନ ଦିଗ ପ୍ରତି ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ସଚେତନ କରାଗଲାନି ନା ଛାତ୍ରଛାତ୍ରୀ ନିଜଆଡୁ ମୁହଁ ଫେରାଇଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ବ୍ରହ୍ମପୁର ଆଇଟିଆଇରେ ଚଳିତବର୍ଷ ୧୪୫ଟି ସିଟ୍ ଫାଙ୍କା ପଡ଼ିଛି। ବିଗତବର୍ଷ ଏଠାରେ ବହୁ ପୂର୍ବରୁ ନାମଲେଖା ସରୁଥିଲା। ହେଲେ ଚଳିତବର୍ଷ ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟ ସମେତ ସ୍ପଟ୍ ଆଡମିଶନ ପ୍ରକ୍ରିୟା ସରିଥିଲେ ହେଁ ଏଠାରେ ସମସ୍ତ ସିଟ୍ ପୂରଣ ହୋଇପାରିନି। ବ୍ରହ୍ମପୁର ଆଇଟିଆଇରେ ବିଭିନ୍ନ ଟ୍ରେଡ୍‌ରେ ସମୁଦାୟ ୨୧୪୮ଟି ସିଟ୍ ରହିଥିବା ବେଳେ ସମ୍ପ୍ରତି ୨୦୦୩ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ୫୬୮ଜଣ ଝିଅ ରହିଛନ୍ତି। ଏଠାରେ ଚଳିତଥର ଛାତ୍ରୀଙ୍କ ନାମ ଲେଖା କମିବା ସହ ନିର୍ଦ୍ଧାରିତ ସମୟ ଭିତରେ ବି ସମସ୍ତ ସିଟ୍ ପୂରଣ ନ ହେବା ଚିନ୍ତାର ବିଷୟ ବୋଲି କୁହାଯାଇଛି। ଏହିକ୍ରମରେ ଥ୍ରୀ-ଡି ପେଣ୍ଟିଂ, ଇଣ୍ଡଷ୍ଟ୍ରିଆଲ ପେଣ୍ଟର, ମେରାଇନ ଇଞ୍ଜିନ ଫିଟର, ଟ୍ରାକ୍ଟର ମେକାନିକ ଭଳି ବିଭିନ୍ନ ବିଭାଗରେ ସିଟ୍ ଖାଲି ରହିଛି। ଏହାର କାରଣ ଖୋଜିବାକୁ ଯେମିତି କାହାର ଦରଦ ନଥିବା ମନେ ହେଉଛି। ସେହିଭଳି ଛତ୍ରପୁର ସରକାରୀ ଆଇଟିଆଇରେ ମୋଟ ୪୬୪ଟି ସିଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୫୮ଜଣ ନାମ ଲେଖାଇଛନ୍ତି। ଏଠାରେ ୬ଟି ସିଟ୍ ଖାଲି ପଡ଼ିଛି। ଅନୁରୂପ ଭାବେ ହିଞ୍ଜିଳିକାଟୁ ସରକାରୀ ଆଇଟିଆଇରେ ସମୁଦାୟ ୬୮୪ଟି ସିଟ୍ ରହିଥିବା ସ୍ଥଳେ ୬୧୭ଜଣ ନାମ ଲେଖାଇ ସାରିଛନ୍ତି। ଏଠାରେ ୬୭ଟି ସିଟ୍ ଖାଲି ରହିଛି। ସେହିପରି ପୁରୁଷୋତ୍ତମପୁର ସରକାରୀ ଆଇଟିଆଇରେ ୬୨୦ଟି ସିଟ୍ ରହିଛି। ଏଠାରେ ୬୦୨ଜଣ ନାମ ଲେଖାଇଛନ୍ତି। ୧୮ଟି ସିଟ୍ ଖାଲିପଡ଼ିଛି। ଅନ୍ୟ ଗୋଟିଏ ଦୁଇଟି ସରକାରୀ ଆଇଟିଆଇରେ ସମସ୍ତ ସିଟ୍ ପୂରଣ ହୋଇଥିବା ସୂଚନା ମିଳିଛି। ପ୍ରକାଶଯୋଗ୍ୟ ଯେ, ରାଜ୍ୟରେ ସରକାରୀ ଆଇଟିଆଇ ଗୁଡ଼ିକରେ ନାମଲେଖା ନେଇ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହିକ୍ରମରେ ଅନେକ ବିଦ୍ୟାର୍ଥୀ ଆବେଦନ କରିଥିଲେ। ଜୁନ ୨୮ରୁ ଜୁଲାଇ ୨ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହୋଇଥିଲା। ସେହିଭଳି ଜୁଲାଇ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହୋଇଥିଲା। ତତପରେ ଅଗଷ୍ଟ ୧୧ରୁ ୩୦ତାରିଖ ପର୍ଯ୍ୟନ୍ତ ସ୍ପଷ୍ଟ ଆଡ଼ମିଶନ ହୋଇଥିଲା। ଏହିକ୍ରମରେ ସମ୍ପ୍ରତି ଆଇଟିଆଇ ଗୁଡ଼ିକରେ ନାମଲେଖା ପ୍ରକ୍ରିୟା ଶେଷ ହୋଇଛି। ବହୁ ଅନୁଷ୍ଠାନରେ ସିଟ୍ ଖାଲି ପଡ଼ିଥିବାରୁ ସରକାର ନାମଲେଖା ନେଇ ପୁନଃ ବିଜ୍ଞପ୍ତି ପ୍ରକାଶ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଜିଲ୍ଲାରେ ଥିବା ବହୁ ବେସରକାରୀ ଆଇଟିଆଇ ଗୁଡ଼ିକରେ ମଧ୍ୟ ସିଟ୍ ଖାଲି ପଡ଼ିଥିବା ସୂଚନା ମିଳିଛି।

## ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ବ୍ରହ୍ମପୁର,୧।୯ (ସମିସ)

ବ୍ରହ୍ମପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା(ପୂର୍ବ) ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମାପ୍ତ ହୋଇଯାଇଛି। ପ୍ରଥମ ଦିବସରେ ସାଙ୍ଗଠନିକ ସ୍ଥିତି ଓ ସୁଦୃଢ଼ୀକରଣ ଉପରେ ଆଲୋଚନା ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ, ଆୟମ ଗତିବିଧି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡ଼ିଶାର ପୂର୍ବ ପ୍ରାନ୍ତରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅଫାଂଶୁ ଶେଖର ସିଲ, କ୍ଷେତ୍ରୀୟ ସହ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ, ରାଜ୍ୟ ସଭାପତି ଶ୍ରୀମତୀ ଗାର୍ଗୀ ବାନାର୍ଜୀ, ପୂର୍ବପ୍ରାନ୍ତର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ, ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାଜ୍ୟ କାର୍ଯ୍ୟକାରିଣୀରେ ଆଗାମୀ ଦିନରେ ବିଭିନ୍ନ କଲେଜ୍ କ୍ୟାମ୍ପସରେ ଶିକ୍ଷାର୍ଥୀମାନଙ୍କ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସିଡ଼ିଡି, ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ନିମନ୍ତେ ମିଶନ ସାହସୀ ଭଳି କାର୍ଯ୍ୟକ୍ରମ ଆଗାମୀ ଛାତ୍ରସଂସଦ ନିର୍ବାଚନ ନିମନ୍ତେ ସମସ୍ତ କଲେଜ କ୍ୟାମ୍ପସରେ ଏବିଭିପି ସକ୍ରିୟତାର ସହ ଛାତ୍ରମାନଙ୍କ ମୌଳିକ ଅଧିକାର ଶିକ୍ଷା, ସୁରକ୍ଷା ଓ ରୋଜଗାର ବିଷୟ ଉପରେ ଗୁରୁତ୍ୱର ସହ ଆଲୋଚନା ହୋଇଥିଲା।

ପ୍ରତ୍ୟେକ କଲେଜ୍ କ୍ୟାମ୍ପସରେ ନିଜର ସବୁ ସକାରାତ୍ମକ ଦୃଷ୍ଟିକୋଣ ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଓ ସାମାଜିକ କ୍ଷେତ୍ରରେ ଷ୍ଟୁଡେଣ୍ଟ୍ ଫର୍ ସେବା, ଷ୍ଟୁଡେଣ୍ଟସ ଫର୍ ଡେଭଲପମେଣ୍ଟ, ମେଡିଭିଜନ, ଥିଙ୍କ ଇଣ୍ଡିଆ, ଖେଲୋ ଭାରତ, ମିଶନ ସାହସୀ, ଆୟାମ ଓ ଗତିବିଧିର କାର୍ଯ୍ୟ ସମସ୍ତ କ୍ୟାମ୍ପସରେ ଆରମ୍ଭ ସହ କାର୍ଯ୍ୟବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀରେ ଦୁଇଟି ସ୍ଥିତି ଯଥା ଶିକ୍ଷା ସ୍ଥିତି ଓ ରାଜ୍ୟ ସ୍ଥିତି ଉପରେ ପ୍ରସ୍ତାବ ପାରିତ ହୋଇଥିଲା। ଶିକ୍ଷା ସ୍ଥିତି ପ୍ରସ୍ତାବରେ ଅଧ୍ୟାପକ ନିଯୁକ୍ତି, ଲାଇବ୍ରେରୀ, ଅନ୍ତରୀଣ ପ୍ରାଥମିକ ପରିଚାଳନା କମିଟିରେ ଛାତ୍ରମାନଙ୍କୁ ସଦସ୍ୟ ରୂପେ ଅଂଶଗ୍ରହଣ, ସଠିକ୍ ସମୟରେ କଲେଜରେ ପ୍ରବେଶ ଓ ପ୍ରସ୍ଥାନ ସହିତ ପରୀକ୍ଷାର ସମୟ ସୀମା ସଠିକ୍ ରୂପେ କଲେଜ୍ କର୍ତ୍ତୃପକ୍ଷଙ୍କ ପରିଚାଳନା ଉପରେ ପ୍ରସ୍ତାବ ରଖାଯାଇଥିଲା। ସେହିଭଳି ସାମାଜିକ ସ୍ଥିତି ପ୍ରସ୍ତାବରେ ବିଭିନ୍ନ ମେଡ଼ିକାଲ୍ କଲେଜରେ ଡାକ୍ତର ଓ ନର୍ସର ମରୁଡ଼ି ଅଭାବ, ଆଧୁନିକ ଯନ୍ତ୍ରପାତିର ଘୋର ଅଭାବ ଆଦି ବିଷୟ ଉପରେ ପ୍ରସ୍ତାବ ପାରିତ ହୋଇଥିଲା। ସମାରୋପ ସତ୍ରରେ କ୍ଷେତ୍ରୀୟ ସହସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ ଆଗାମୀ କାର୍ଯ୍ୟକ୍ରମ ଉପରେ ବିଦ୍ୟାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ରାଜ୍ୟ ସଭାପତି ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଗଞ୍ଜାମ ବିଭାଗର ସର୍ବବିଧ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ପରିଶେଷରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ସହପ୍ରମୁଖ ପ୍ରତ୍ୟୁଷ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ଦୁଇ ଗିରଫ



ବ୍ରହ୍ମପୁର,୧।୯ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ମୋନାର୍କ ଛକ ନିକଟରେ ଥିବା ଭଞ୍ଜ ବିହାର ସରସ୍ୱତୀ ଶିଶୁ ମନ୍ଦିରର ଚୋରି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ସେମାନେ ହେଲେ ପୁରୁଣା ଗୋଲାବନ୍ଧର ବି.ଯଶବନ୍ତ ରାଓ(୨୨), ଏସ.ଭରତ(୨୦) ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଗତ ୨୭ ତାରିଖ ରାତିରେ ଏହି ସ୍କୁଲର ଗ୍ରୀଲ ତାଲା ଭାଙ୍ଗି ୟୁପିଏସ, ଚକଲେଟ ଡବା ଏବଂ ଏଟିଏମ କାର୍ଡ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରି ସେଠାରୁ ଭଙ୍ଗା ତାଲା ଓ ଲୁହା ଗଡି ଜବତ କରିଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ନିକଟରେ ୨ଯୁବକଙ୍କ ଉପରେ ସନ୍ଦେହ ହେବା ପରେ ସେମାନଙ୍କୁ କାବୁ କରି ପଚରା ଉଚରା କରିଥିଲା। ବ୍ୟାଗରେ ଥିବା ଭଙ୍ଗା ଲୁହା, ଚକଲେଟ ଓ ଆଲମାରୀ ହେଣ୍ଡେଲ ଅନାନ୍ୟ ସାମଗ୍ରୀ ରହିଥିଲା। ସେମାନଙ୍କ ଠାରୁ ୟୁପିଏସ, ଏଟିଏମ କାର୍ଡ ସହ ୪୧୫ ଟଙ୍କା ଜବତ କରି କରିଛି ପୁଲିସ। ପୁଲିସ ଉପରୋକ୍ତ ଅଭିଯୁକ୍ତଙ୍କ ଠାରୁ ବହୁ ତଥ୍ୟ ହାସଲ କରିଛି। ମାଣ୍ଡିଆପଲ୍ଲୀ ଛକ ନିକଟରୁ ଏକ ବାଇକ (ଓଆର ୦୭ ୟୁ ୯୧୪୮) ଚୋରି କରିବା ଓ ମୋନାର୍କ ଛକ ନିକଟରେ ଥିବା ଏକ ଘରୁ ସିସି କ୍ୟାମେରାର ହାର ଡିସ୍କ ସହ ୧୭ ଶହ ୩୨ ଟଙ୍କା ଚୋରି କରିଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲେ। ସେହିପରି ଚୋରି କରିଥିବା ବାଇକରେ ଯାଇ ହଳଦିଆପଦର ଏକ ଦୋକାନ ଭାଙ୍ଗି କିଛି ମେଡ଼ିସିନ ଓ ୩୦ହଜାର ଟଙ୍କା ଚୋରି କରିଥିବା ଅଭିଯୁକ୍ତମାନେ ପୁଲିସ ନିକଟରେ ମାନିଥିଲେ। ପୁଲିସ ସେମାନଙ୍କ ଠାରୁ କିଛି ସାମଗ୍ରୀ ସହ ୧୬ ହଜାର ୨୩୨ ଟଙ୍କା ଜବତ କରିଥିଲା। କେବଳ ଏତିକି ନୁହେଁ ଗତ ଅଗଷ୍ଟ ୨୨ତାରିଖ ରାତିରେ ମାଣ୍ଡିଆପଲ୍ଲୀ ଛକ ଶିରିଡ଼ି ସାଇ ମନ୍ଦିର ନିକଟରେ ପ୍ରଦୀପ କୁମାର ନାୟକଙ୍କ ଏକ କାର ଗ୍ଲାସ ଭାଙ୍ଗି କ୍ୟାମେରା ସହ କିଛି ସାମଗ୍ରୀ ଚୋରି କରିଥିଲେ ଉପରୋକ୍ତ ଅଭିଯୁକ୍ତମାନେ ବୋଲି ପୁଲିସ ତଦନ୍ତରେ ଜଣାପଡିଛି। ବ୍ରହ୍ମପୁର ପୁଲିସ ଉପରୋକ୍ତ ଘଟଣାରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି।

## ଶ୍ରମିକଙ୍କ ସମସ୍ୟା ନେଇ ଟିୟୁସିଆଇର ବୈଠକ

ବ୍ରହ୍ମପୁର,୧।୯ (ସମିସ): ଟିୟୁସିଆଇ ପକ୍ଷରୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ଗଞ୍ଜାମ କଳା ପରିଷଦରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକଙ୍କ କ୍ଷେତ୍ରରେ ସମାନ କାମକୁ ସମାନ ମଜୁରୀ ପ୍ରଦାନ କରାଯାଉନଥିବା ବେଳେ ସର୍ବନିମ୍ନ ମଜୁରୀ ଆଇନକୁ ଉଲଙ୍ଘନ କରାଯାଉଛି। ବିଭିନ୍ନ ସ୍ଥାନରେ ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଓ ସୁରକ୍ଷା କର୍ମଚାରୀ ଆଦିଙ୍କୁ ସ୍ଥାୟୀ ନିଯୁକ୍ତି ବଦଳରେ ଏଜେନ୍ସି ଜରିଆରେ ଠିକା ନିଯୁକ୍ତି ଦେଇ ଶ୍ରମ ଶୋଷଣ କରାଯାଉଛି। ସେହିପରି ଶ୍ରମିକମାନଙ୍କ ଭବିଷ୍ୟନିଧି ପାଣ୍ଠି(ଇପିଏଫ) ଆଇନ ଓ ମଜୁରୀ ପୈଠ ଆଇନକୁ ମଧ୍ୟ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଟିୟୁସିଆଇର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ କହିଛନ୍ତି। ସେଦିଗରେ ପଦକ୍ଷେପ ନେବା ବଦଳରେ କର୍ପୋରେଟ ସ୍ୱାର୍ଥରେ ଶ୍ରମିକ ବିରୋଧି ୪ଟି ଶ୍ରମ ସଂହିତା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟବାସୀଙ୍କ ଠାରୁ ଅଧିକ ଟିକସ ଆଦାୟ କରିବା ପାଇଁ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକା ଘୋଷଣା ହେଉଛି କିନ୍ତୁ ଏଥିରେ ସେବା ପ୍ରଦାନ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ଭବିଷ୍ୟତ ପାଇଁ କାହାରି ନିଘା ନାହିଁ। ଏଥିସହିତ ମନରେଗା ଶ୍ରମିକଙ୍କ ପରିବାରରୁ ୨ଜଣଙ୍କୁ ବର୍ଷ ତମାମ କାମ ଯୋଗାଇବା, ଠିକା ନିଯୁକ୍ତିକୁ ସଂପୂର୍ଣ୍ଣ ରଦ୍ଦ କରି ସ୍ଥାୟୀ ନିଯୁକ୍ତି, ଶ୍ରମିକ ବିରୋଧି ୪ଶ୍ରମ ସଂହିତାର ପ୍ରତ୍ୟାହାର, ମାସିକ




ସର୍ବନିମ୍ନ ମଜୁରି ୩୧ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ପଦକ୍ଷେପ ହିଁ ଦାଦନ ରୋକିବା ପାଇଁ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା। ଶ୍ରମ ଆଇନର ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୧୦ସେପ୍ଟେମ୍ବର ୨୦୨୫ମସିହାରେ ଯୁଗ୍ମ ଶ୍ରମ କମିସନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟିୟୁସିଆଇର ରାଜ୍ୟ ସଂପାଦକ ଶଙ୍କର ଇନକିଲାବ, ଓଡିଶା ମନରେଗା ଶ୍ରମିକ ୟୁନିଅନର ନେତ୍ରୀ ପି. ପାର୍ବତୀ, ଓଡିଶା ନିର୍ମାଣ ଶ୍ରମିକ ୟୁନିଅନର ରାମଚନ୍ଦ୍ର ବାଡତ୍ୟା ଓ ଯଶୋଦା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 25.08.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


# ସଫେଇ କର୍ମଚାରୀଙ୍କୁ ଜାତିଆଣ ଉଦ୍ଦେଶ୍ୟରେ ବଡ଼ାଖାନାକୁ ବାରଣ

### ମନ୍ତ୍ରୀଙ୍କ ଲୋକ ପାଇଁ ଖାଇବା ହୋଇଥିବା କହିଲେ ଏନ୍‌ଏସି କର୍ତ୍ତୃପକ୍ଷ

ବ୍ରହ୍ମପୁର,୧।୯ (ସମିସ)




ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ପରିମଳ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସଫେଇ କର୍ମଚାରୀଙ୍କୁ ଅଣଦେଖା କରାଯିବା ସହ ଦଳିତ, ଅଛୁଆଁ ବୋଲି ଦର୍ଶାଇ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରୁ ବାରଣ କରି ଭୋକିଲାରେ ଘଉଡ଼ାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପୌର କର୍ମଚାରୀଙ୍କ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ। ତେବେ ସଫେଇ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରାଯାଇ ଭୋଜନ କାର୍ଯ୍ୟକ୍ରମରୁ ଦୁରେଇ ରଖାଯିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। ଏପରିକି ଖୋଦ ଏନଏସି ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ଅଭିଯୋଗ ପରେ ସଫେଇ କର୍ମଚାରୀଙ୍କ ପାଇଁ ଭୋଜନର ବ୍ୟବସ୍ଥା ହାଇନାହିଁ ପରବର୍ତ୍ତି ସମୟରେ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯିବା ବୋଲି କହି ଘଉଡାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ରବିବାର ଏନଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉପସ୍ଥିତ ରହି ବିଳମ୍ବିତ ସମୟ ପର୍ଯ୍ୟନ୍ତ ସଫେଇ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିଲା ଓ ସମସ୍ତଙ୍କ ସମ୍ବର୍ଦ୍ଧନା ପରେ ଶେଷରେ ପୋଷାକ ବିତରଣ କରାଯାଇଥିଲା। ଅପରାହ୍ନ ୩ଟା ପରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରୁ ସଫେଇ କର୍ମଚାରୀଙ୍କୁ ଘଉଡ଼ାଇ ଦେବା ଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଫଳରେ ସଫେଇ କର୍ମଚାରୀ ସଙ୍ଘ ପକ୍ଷରୁ ଏହି ଘଟଣାକୁ ତୀବ୍ର ବିରୋଧ କରାଯାଇ ସେମାନଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ପୋଷାକକୁ ଫେରାଇ ଦେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି। ଏହି ଜାତିଆଣ ଆକ୍ଷେପ ଘଟଣାକୁ ନେଇ ନ୍ୟାୟିକ ତଦନ୍ତ କରିବା ସହ ଗତ ଦୁଇବର୍ଷ ଧରି ବଡ଼ାଖାନା ଆୟୋଜନ ନକରିବା ଘଟଣାର ମଧ୍ୟ ତଦନ୍ତ କରିବାକୁ ଜିଲ୍ଲପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି ରଖାଯାଇଛି। ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବାକୁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୌର କର୍ମଚାରୀ ସଙ୍ଘ ସଭାପତି ଟୁନା ରଥ, ରାହୁଲ ନାୟକ, ଲିବୁ ନାୟକ ଓ ମିଥୁନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ



ପାରଳାଖେମୁଣ୍ଡି,୧।୯ (ସମିସ): ଓଡିଶାର ଦ୍ୱିତୀୟ ସର୍ବପୁରାତନ ପୌରପରିଷଦ ପାରଳାଖେମୁଣ୍ଡିରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସକାଳେ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ପୌରାଧ୍ୟକ୍ଷା ନିର୍ମଳା ସେଠୀ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶ୍ରୀମତୀ ସେଠୀ ସହରର ବିକାଶ ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ବିଜୁକଲ୍ୟାଣ ମଣ୍ଡପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଓ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ସହରବାସୀଙ୍କୁ ମଞ୍ଚାସୀନ ଅତିଥି ମାନେ ଏହି ଦିବସ ପାଳନ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସହରର କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ବିଷୟରେ ପାରଳାଖେମୁଣ୍ଡି ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ କହିଥିଲେ। ବିଧାୟକ ଓ ଅନ୍ୟ ମଞ୍ଚାସୀନ ଅତିଥିମାନେ ବିକାଶ ମୂଳକ କାର୍ଯ୍ୟ ଗୁଡିକ ସଠିକ୍ ସମୟ ମଧ୍ୟରେ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ବ୍ୟକ୍ତିବିଶେଷ ଓ ଦଳକୁ ଅତିଥି ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଉପାଧ୍ୟକ୍ଷ ଲେଙ୍କା ମଧୁ, ସମସ୍ତ କାଉନସିଲରଙ୍କ ସମେତ ପୌରଯନ୍ତ୍ରୀ, କର୍ମଚାରୀ, ସ୍ୱଚ୍ଛସାଥି, ସଫେଇ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ବିଶି ନାୟକ ହତ୍ୟା ଘଟଣାରେ ୩ ଗିରଫ

ପାରଳାଖେମୁଣ୍ଡି/ମୋହନା,୧।୯ (ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ଥାନା ପୁଲିସ୍ ସିଆଳିଲଟି ପଞ୍ଚାୟତ ଅନ୍ତର୍ଗତ କାଡମାଳି ଗ୍ରାମରେ ହୋଇଥିବା ବିଶି ନାୟକ (୫୫) ହତ୍ୟାରେ ସମ୍ପୃକ୍ତ ତିନି ଜଣ ହତ୍ୟାକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ କାଡମାଳି ଗ୍ରାମର ବଗଡିଆ ନାୟକ (୩୦), କୁରେଶୁ ରଇତ (୨୯) ଓ ବୁଲୁ ଦଳାଇ (୨୩) । ଆର୍.ଉଦୟଗିରି ଥାନା ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଢେପା ଶଙ୍କରାଖାଲ ଗ୍ରାମର ବିଶି ନାୟକ ଗଜପତି ଜିଲ୍ଲା ଶିଆଳିଲଟି ପଞ୍ଚାୟତର କାଡମାଳି ଗ୍ରାମର ମଙ୍ଗୁଲୁ ରଇତଙ୍କ ଘରେ ମଦ୍ୟପାନ କରିଥିଲେ । ମଦ୍ୟପାନ ପରେ ଗାଳିଗୁଲଜ କରିଥିଲେ । ସେହି ସମୟରେ ଗ୍ରାମ ମଝିରେ ତିନି ଅଭିଯୁକ୍ତ ବିଶି ନାୟକଙ୍କୁ କାହିଁକି ଗାଳି କରୁଛ ବୋଲି ପଚାରିଥିଲେ। ସେତେବେଳେ ବିଶି ନାୟକ ସେମାନଙ୍କୁ ଠେଲି ଦେଇଥିଲେ । ସେମାନେ ଉତ୍ତ୍ୟକ୍ତ ହୋଇ ବିଶି ନାୟକଙ୍କୁ ବିଧା ଗୋଇଠା ମାରିବା ସହ ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲେ । ସେଠାରେ ତାଙ୍କୁ ଛୁରାରେ ଭୁସି ହତ୍ୟା କରିଥିଲେ। ଆଜି ହତ୍ୟାକାରୀଙ୍କୁ ପୁଲିସ୍ ଗିରଫ କରିବା ସହ ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରିଛି। ଆର୍. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ କୁମାର ଭିତିରିଆ ମାମଲାର ତଦନ୍ତ କରୁଛନ୍ତି ।

# ପୁରୁଣା ୱାରେଣ୍ଟରେ ଦୁଇ ଗିରଫ

ମୋହନା,୧।୯ (ସମିସ): ପୁରୁଣା ୱାରେଣ୍ଟ ବଳରେ ଗଜପତି ଜିଲ୍ଲା ଅଡବା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଡନିଗାଁ ଅମୀର ନାୟକ ଏବଂ ରାଇଗଣ୍ଡା ଗ୍ରାମର ଜୟାବ ମାଝୀ ।୨୦୧୭ ମସିହାର ଏକ ଗଣ୍ଡଗୋଳ ମାମଲାରେ ଅମୀର ଏବଂ ୨୦୧୫ ମସିହାରେ ପୁଲିସକୁ ଦୁର୍ବ୍ୟବହାର ମାମଲାରେ ଜୟାବକୁ କୋର୍ଟର ଜାମିନ ବିହୀନ ଗିରଫ ପରୱାନା ନିର୍ଦ୍ଦେଶରେ ଅଡବା ପୁଲିସ ଗିରଫ କରିଥିବା ଥାନାଧିକାରୀ ଶୁଭ୍ରାନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଅପହୃତ ନାବାଳିକାକୁ ଉଦ୍ଧାର କଲା ପୁଲିସ

ମୋହନା,୧।୯ (ସମିସ): ଗଜପତି ଜିଲ୍ଲା ଅଡବା ପୁଲିସ ଥାନା ଅଞ୍ଚଳରୁ ଅପହୃତ ଜଣେ ନାବାଳିକାକୁ ଉଦ୍ଧାର କରିଛି। ଅଡବା ଥାନା ଅଞ୍ଚଳର ନାବାଳିକା ଜଣକ କନ୍ଧମାଳ ଜିଲ୍ଲା ଗଦାପୁରରେ ରହି ପାଠ ପଢୁଥିଲା। ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଗତ ଅଗଷ୍ଟ ୧୭ ରେ ନାବାଳିକାର ମାମୁ ଅଡବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିବା ସହ ସୋମବାର ଗଦାପୁର ଅଞ୍ଚଳରୁ ନାବାଳିକା ଜଣକୁ ଉଦ୍ଧାର କରିଛି। ଘଟଣାର ତଦନ୍ତ ଚାଲିଛି, ଅତିଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଅଡବା ଥାନାଧିକାରୀ ଶୁଭ୍ରାନ୍ତ ପଣ୍ଡା ସୂଚନା ଦେଇଛନ୍ତି ।

# ଫିରିଙ୍ଗିଆରେ ଡ୍ରାଇଭର ଦିବସ

ଫିରିଙ୍ଗିଆ,୧।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆରେ ଆଜି ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଛି। ରାଷ୍ଟ୍ରୀୟ ଡ୍ରାଇଭର ଦିବସରେ ଫିରିଙ୍ଗିଆ ବ୍ଲକର ୧୨ ଟି ପଞ୍ଚାୟତର କର୍ମକର୍ତ୍ତା ଓ ଡ୍ରାଇଭର ମହାସଂଘର ସଦସ୍ୟ ଡ୍ରାଇଭର ଉପସ୍ଥିତ ଥିଲେ। ଜିଲ୍ଲା ଡ୍ରାଇଭର ମହାସଂଘ ସଭାପତି ଅଜିତ ପ୍ରଧାନଙ୍କ ନେତୃତ୍ୱରେ ପାଳିତ ସମାରୋହରେ ସଂଘର ଶତାଧିକ ଡ୍ରାଇଭର ପ୍ରଥମେ ନିକଟ ଗାୟତ୍ରୀ ମନ୍ଦିର ଛକ ରୁ ରାଲିରେ ବାହାରି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ବ୍ଲକ ଛକ, ବଜାର, ଇନ୍ଦିରା ଗାନ୍ଧୀ ଛକ ଏବଂ ପିତା ବଳି ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରି ପୁଣି ଫିରିଙ୍ଗିଆ ବ୍ଲକ ଛକକୁ ଫେରିଥିଲେ। ବ୍ଲକ ଛକରେ ଡ୍ରାଇଭର ମାନଙ୍କ ଉଦ୍ଦେଶ୍ୟରେ ସଚେତନତା ବୈଠକ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କୋଷାଧ୍ୟକ୍ଷ ବଂଶୀଧର ସାହୁ, ଉପସଭାପତି ପୁଷ୍ପଲତା ସାହୁ, ସମ୍ପାଦକ ରମାକାନ୍ତ ପ୍ରଧାନ, ସହସମ୍ପାଦକ ନିର୍ମଳ ବେହେରା, କୋଷାଧ୍ୟକ୍ଷ ବିପିନ କହଁର, ଉପଦେଷ୍ଟା ସାମନ୍ତ ସାହୁ ଓ ଉମାକାନ୍ତ ହଂସଙ୍କ ସହ ଶତାଧିକ ଡ୍ରାଇଭର, ମହାସଂଘ ସଦସ୍ୟ ଉପସ୍ଥିତ ଥିଲେ।

# ଟିକାବାଲି ମହାବିଦ୍ୟାଳୟର ସ୍ୱନକ୍ଷତ୍ର

ଟିକାବାଲି,୧।୯ (ସମିସ):ଟିକାବାଲିସ୍ଥିତ ଏଏମ୍ସିଏସ୍ ମହାବିଦ୍ୟାଳୟର ୩୭ତମ ସ୍ୱନକ୍ଷତ୍ର ଦିବସ,ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗ ଦେଇ ମହାବିଦ୍ୟାଳୟର ବିକାଶ ଦିଗରେ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗୀୟ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ଼. ସୁଶାନ୍ତ ଦାସ ମୋବାଇଲ ଓ ଇନଷ୍ଟାଗ୍ରାମ ଭିତରେ ନିଜ ଭବିଷ୍ୟତକୁ ସମର୍ପଣ ନ କରି ନିଜ ଲକ୍ଷ୍ୟସ୍ଥଳରେ ପହଁଚି ଭବିଷ୍ୟତକୁ ନିର୍ମାଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ସଚିବ ଶାନ୍ତନୁ ମହାନ୍ତି , ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ପ୍ରାକ୍ତନ ମହାବିଦ୍ୟାଳୟ ପରିଚାଳନା ପରିଷଦର ଉପ ସଭାପତି ଶଶୀଭୂଷଣ ଭୋଇ ଯୋଗ ଦେଇଥିଲେ । ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଅଧ୍ୟାପକ ବନମାଳୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ବରିଷ୍ଠ କାର୍ଯ୍ୟାଳୟ ସହାୟକ ମନୋଜ ଭୋଇ ୩୭ ବର୍ଷର ଗୌରବ ଗାଥାକୁ ନେଇ ସ୍ୱରଚିତ କବିତା ପାଠ କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ବାଳକୃଷ୍ଣ ବେହେରା, ଶଶୀଭୂଷଣ ଭୋଇ, ରାମବିଶି ଦିଗାଳ, ପ୍ରଫୁଲ୍ଲ ସାହୁ ଓ ଜୟକୃଷ୍ଣ ପଣ୍ଡାଙ୍କୁ ମାନପତ୍ର, ଫୁଲତୋଡା ଓ ଉପଢୌକନ ଦେଇ ଜନ୍ମଦାତା ସମ୍ମାନରେ ସମ୍ମାନିତ କରାଯାଇଥିଲା ।




# ତେଜିଲା ମଦ ବିରୋଧୀ ଆନ୍ଦୋଳନ

## ପୋଚ ଓ ମହୁଲି ମଦ ନଷ୍ଟ କଲେ ମହିଳା

ଫିରିଙ୍ଗିଆ,୧।୯ (ସମିସ)



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ କିଛିଦିନ ହେଲା ଚୋରା ବିଦେଶୀ ଓ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ମଦ ପାଇଁ ଅଞ୍ଚଳରେ ଅସାମାଜିକ କାରବାର ବୃଦ୍ଧି ପାଇଛି। ମଦ କାରବାରକୁ ବନ୍ଦ କରିବାରେ ପୁଲିସ ଓ ଅବକାରୀ ବିଭାଗ ବିଫଳ ହୋଇଥିବା ବେଳେ ଏବେ ଅଞ୍ଚଳରୁ ମଦ କାରବାରକୁ ବନ୍ଦ କରିବାକୁ ଅଣ୍ଟା ଭିଡ଼ିଛନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା। ଫିରିଙ୍ଗିଆ ସହରରେ ଆରମ୍ଭ ହୋଇଛି ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ। ବିଜେପି ମହିଳା ନେତ୍ରୀ ତଥା ଫିରିଙ୍ଗିଆ ସହରର ନାହଣା ଗାଁରେ ଥିବା ମା' ତୁଳସୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଲୀଳାବତୀ ଦିଗାଳଙ୍କ ନେତୃତ୍ୱରେ ଅନ୍ୟ ଏକ ମହିଳା ଗୋଷ୍ଠୀ ଅନ୍ନପୂର୍ଣ୍ଣା ଗ୍ରୁପର ମହିଳା ଗାଁରେ ଦେଶୀ ମଦ ରାନ୍ଧୁଥିବା ଓ ବିକ୍ରି କରୁଥିବା ବିଭିନ୍ନ ଘରେ ପଶି ମଦ ରନ୍ଧା ଯାଉଥିବା ସାମଗ୍ରୀ ଭଙ୍ଗା ରୁଜା କରିଥିଲେ। ଏଥିସହ ଏକ କ୍ୱିଣ୍ଟାଲରୁ ଅଧିକ ମହୁଲ ପୋଚ, ପ୍ରାୟ ପଚାଶ ଲିଟର ମହୁଲି ମଦ ନଷ୍ଟ କରିଥିଲେ।

ମହିଳା ମାନେ ମଦ ରାନ୍ଧୁଥିବା ଲୋକଙ୍କୁ ତାଗିଦ ମଧ୍ୟ କରିଥିଲେ। ମହିଳାଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଆଗାମୀ ଦିନରେ ଅଞ୍ଚଳରେ ଏଭଳି ମଦ ବିରୋଧୀ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବହୁ ସଂଖ୍ୟାରେ ମହିଳା କହିଛନ୍ତି।

# ଡ୍ରେନ୍ ଜାମ୍, ସାହିରେ ପଶୁଛି ମଇଳା ପାଣି



ଜି.ଉଦୟଗିରି,୧।୯ (ସମିସ): ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ସୁବାସନଗରରେ ଡ୍ରେନେଜ ବ୍ୟବସ୍ଥା ହୋଇପାରୁନି। ଯାହା ଫଳରେ ନାହିଁ ନ ଥିବା ହଇରାଣ ହୋଇଛନ୍ତି ସାହି ବାସିନ୍ଦା। ଉପର ମୁଣ୍ଡରେ ଅର୍ଥାତ କଚେରୀ ସାହି ମୁହଁରେ ନଳକୂଅ ବ୍ୟବହାର ପାଣି ଯିବା ପାଇଁ ଯେଉଁ ଡ୍ରେନ ଥିଲା ତାହା ଜାମ ହେବା ଫଳରେ ଏହି ପାଣି ଏବେ ସାହି ଭିତରେ ପଶୁଛି। ସାହି ମଧ୍ୟରେ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ଫଳରେ ମଶା ମାଛି ବଂଶ ବିସ୍ତାର କରିବା ସହ ଦୁର୍ଗନ୍ଧ ବଢ଼ିବାରେ ଲାଗିଛି। ଏହି ରାସ୍ତା ଦେଇ କୁନି କୁନି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉଛନ୍ତି। ଯାହାକୁ ନେଇ ସାହି ବାସିନ୍ଦାଙ୍କ ସହିତ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜାମ ହୋଇଥିବା ଡ୍ରେନକୁ ତୁରନ୍ତ ମରାମତି କରାଯିବା ସହିତ ଡ୍ରେନେଜ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଗଣେଶ ମଣ୍ଡପ ବୁଲିଲେ ବିଧାୟକ

କାଶୀନଗର,୧।୯ (ସମିସ): ଗଜପତି ଜିଲ୍ଲା କାଶୀନଗର ବିଭିନ୍ନ ଗଣେଶ ପୂଜା ମଣ୍ଡପ ଦର୍ଶନ କରିଛନ୍ତି ପାରଳା ବିଧାୟକ ଇ.ରୂପେଶ୍ କୁମାର ପାଣିଗ୍ରାହୀ। ପ୍ରଥମେ କାଶୀନଗର ସହର ୧୧ନମ୍ବର ୱାର୍ଡରେ ଥିବା ପୂଜା ମଣ୍ଡପରେ ଉପସ୍ଥିତ ହୋଇଥିଲେ ବିଧାୟକ। ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାଓ୍ୱରା ତିରୁପତି ରାଓ, ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟାମ୍ମା ଗାଜ୍ଜାନାନାଙ୍କ ଦର୍ଶନ କରିଥିଲେ। ପରେ ଫରେଷ୍ଟ ଗେଟ୍ ପୂଜା ମଣ୍ଡପ, ବ୍ରାହ୍ମଣ ସାହି ମଣ୍ଡପ, ମାର୍କେଟ ପୂଜା ମଣ୍ଡପ କମିଟି ତରଫରୁ ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରି ସ୍ୱାଗତ କରିଥିଲେ। ବିଭିନ୍ନ ମଣ୍ଡପ କମିଟିଙ୍କ ସଦସ୍ୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ନଦୀର ପାଣି ସ୍ତର ଦେଖି ପୂଜା ସମାପନ କରିବା ନେଇ କମିଟିଙ୍କୁ ପରାମର୍ଶ ଦେଇଥିଲେ ବିଧାୟକ। ପୂର୍ବରୁ ଅଜଣା ଜ୍ୱରରେ ସମ୍ମୁଖୀନ ହୋଇଥିବା କିତିଙ୍ଗି ଗ୍ରାମବାସୀଙ୍କୁ ଭେଟି ବର୍ତ୍ତମାନ ପରିସ୍ଥିତି ପଚାରି ବୁଝିଥିଲେ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ବ୍ଲକ ଅଧ୍ୟକ୍ଷା।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,୧।୯ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ମଧୁମିତା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଳକଇଠା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ୭୫ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୫୮ ରହିଥିବା ବେଳେ ଗ୍ରାମ ଭିତ୍ତିକ ସମସ୍ୟା ୧୭ ରହିଥିଲା। ଅଭିଯୋଗ ମଧ୍ୟରୁ ୨ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତିନି ଜଣଙ୍କୁ ୭୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି।



ଆଜିର ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଶୁଣାଣିରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦାଦନ ଶ୍ରମିକଙ୍କ ମୃତ୍ୟୁରେ ଶୋକ



ଜିଉଦୟଗିରି,୧।୯ (ସମିସ): କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ମଞ୍ଚ ତରଫରୁ ଦିଆଯାଇ ଥିବା ଧାରଣା ଅଷ୍ଟମ ଦିନରେ ପହଞ୍ଚିଥିବା ବେଳେ ଜି. ଉଦୟଗିରି ନିକଟସ୍ଥ କତିଙ୍ଗିଆର ୩୫ ବର୍ଷୀୟ ଯୁବକ ଶିବାନନ୍ଦ ପ୍ରଧାନଙ୍କ କେରଳରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ କୃଷକଙ୍କ ଧାରଣା ସଭାରେ ଶୋକ ପ୍ରକାଶ ପାଇବା ସହ ନିରବ ପ୍ରାର୍ଥନା କରାଯାଇଛି। ଯୁବକ ଜଣକ କେରଳର ଏର୍ଣ୍ଣାକୁଲମ ସହରରେ ଦାଦନ କାମ କରି ନିଜର ଜୀବନ ଜୀବିକା ନିର୍ବାହ କରୁଥିଲେ। ରାତିରେ କାମସରି ନିଜ ବସାକୁ ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେଠାରେ ଚିକିତ୍ସା ସମୟରେ ରବିବାର ଦିନ ମୃତ୍ୟୁ ହୋଇଥିଲା। ଏହି ଘଟଣା ଜଣାପଡିବା ପରେ ଆଜି କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦ ଦ୍ୱାରା ମଣ୍ଡାକିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଠ ଦିନ ଧରି ଧାରଣା ଦେଉଥିବା ମଞ୍ଚ ସଦସ୍ୟ ଦୁଇ ମିନଟ ନିରବ ପ୍ରାର୍ଥନା କରିଥିଲେ। ତାଙ୍କର ପାର୍ଥିବ ଶରୀରକୁ ଭିଟାମାଟିକୁ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ।

# ଆନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଫିରିଙ୍ଗିଆ,୧।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ମିନି ଷ୍ଟାଡିଅମରେ ଆନ୍ତଃ ଜିଲ୍ଲାସ୍ତରୀୟ ପଞ୍ଚମ ବାର୍ଷିକ ସୁଜିତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଖେଳ ଉଦ୍‌ଘାଟନ ପୂର୍ବରୁ ଅତିଥି ଖେଳାଳି ଏବଂ ଉପସ୍ଥିତ ଦର୍ଶକ ସୁଜିତ କୁମାର ମିଶ୍ରଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରିଥିଲେ। ମୁଖ୍ୟଅତିଥି ଫିରିଙ୍ଗିଆ ତହସିଲଦାର ଜ୍ୟୋତିପ୍ରକାଶ ସେଠୀ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ସନମାନିତ ଅତିଥି ଭାବରେ ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ଜିଲ୍ଲାପରିଷଦ ସଭ୍ୟ ନୀଳଗିରି ଦିଗାଲ, ଫିରିଙ୍ଗିଆ ପ୍ରେସ୍‌କ୍ଲବ୍ ସଭାପତି ଉତ୍ତମ ଖମାରି, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବ୍ଲକ୍ ସଭାପତି ପ୍ରଦୀପ ବେହେରା, ଶିବ ଶଙ୍କର ବେହେରା, ସୁବ୍ରତ କୁମାର ମହାନ୍ତିଙ୍କ ସହ ଅଞ୍ଚଳର ବହୁ ବରିଷ୍ଠ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସୁଜିତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଞ୍ଚ ବର୍ଷ ଧରି ଅନୁଷ୍ଠିତ ହେଉଛି। ସୁଜିତ କୁମାର ମିଶ୍ର ଜଣେ ଯୁବ କ୍ରୀଡା ସଂଗଠକ ସହ ନିଜେ ମଧ୍ୟ ଜଣେ ପ୍ରତିଭାବାନ ଫୁଟବଲ ଖେଳାଳି ଥିଲେ। ତାଙ୍କ ଦେହାନ୍ତ ପରେ କ୍ଲବ ସୁଜିତ ମେମୋରିଆଲ ଆନ୍ତଃ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଚଳିତ ବର୍ଷ ଦୁଇ ଦିନ ଧରି ଏହି ଖେଳ ଆୟୋଜନ ହେଉଛି। ଏଥିରେ ଜିଲ୍ଲା ସହ ବାହାର ଜିଲ୍ଲାର ଆଠଟି ଦଳ ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ପ୍ରଥମ ମ୍ୟାଚ ଫିରିଙ୍ଗିଆ ବ୍ଲକର ସୁଜିତ ଏଫସି କ୍ଲବ ସହ ବାଣେଶ୍ୱରୀ କ୍ଲବ ଗୁଟିଙ୍ଗିଆ ମଧ୍ୟରେ ହୋଇଥିଲା। ପେନାଲଟିକି ସୁଟ ଆଉଟ ଜରିଆରେ ୪-୨ ଗୋଲରେ ସୁଜିତ ଏଫସି କୁ ହରାଇ ବାଣେଶ୍ୱରୀ କ୍ଲବ ଗୁଟିଙ୍ଗିଆ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସରପଞ୍ଚ ଏଫସିକୁ୧-୦ ଗୋଲରେ ହରାଇ ସ୍ପୋର୍ଟ୍ସ ହଷ୍ଟେଲ କନ୍ଧମାଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ମହାବୀର କ୍ଲବ ବୁଢ଼ାଦାନୀକୁ ୨-୦ ଗୋଲରେ ହରାଇ ସୁରଜ ଏଫସି ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ରାହୁଲ ଏଫସି ଓ କୁଇ ସମାଜ ଫିରିଙ୍ଗିଆ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ କୁଇ ସମାଜ ଫିରିଙ୍ଗିଆ କ୍ଲବକୁ ୨-୧ ଗୋଲରେ ହରାଇ ବିଜୟୀହୋଇଥିଲା। ସମସ୍ତ ମ୍ୟାଚକୁ ଅଞ୍ଚଳର ବରିଷ୍ଠ କ୍ରୀଡ଼ା ଶିକ୍ଷକ ଶ୍ୟାମ ସୁନ୍ଦର ସାହା, ସୁଜିତ ରାଜ ହଂସ, ପ୍ରଫୁଲ୍ଲ କହଁର, ସୁଶୀଲ କୁମାର ବେହେରା, ଜଗନ୍ନାଥ କହଁର, ପ୍ରତାପ ପ୍ରଧାନ ପରିଚାଳନା କରିଥିଲେ। ମ୍ୟାଚ କମିଶନର ସୁଶାନ୍ତ କୁମାର କୁଣ୍ଡି ଦାୟିତ୍ୱ ତୁଲାଇ ଥିଲେ।




ସୁଜିତ ଏଫସି କ୍ଲବ ସଭାପତିଙ୍କ ସହ ରୋହିତ ନାୟକ, ବିଭୁ ପ୍ରସାଦ ମୁଖି, ଜିତୁ ମୁଖି, ଭବାନୀ ଶଙ୍କର ବେହେରା, ଓ କ୍ଲବ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଆସନ୍ତାକାଲି ୨ଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହେବ।

# ଶିଳାନ୍ୟାସକୁ ବର୍ଷେ ବିତିଲା; ଖୋଲିଲାନି ଆହାର କେନ୍ଦ୍ର

ଦାରିଙ୍ଗବାଡ଼ି,୧।୯ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆହାର କେନ୍ଦ୍ର ଖୋଲିବା ପାଇଁ ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ଉପବାଚସ୍ପତି ସାଲୁଗା ପ୍ରଧାନ ୧୪ ମାର୍ଚ୍ଚ ୨୦୨୪ରେ ଏହାର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସକୁ ବର୍ଷେ ଅତିକ୍ରମ କରିଥିଲେ ହେଁ ଆଜିଯାଏଁ ଆହାର କେନ୍ଦ୍ର ଖୋଲିପାରିଲା ନାହିଁ। ଯାହାକୁ ନେଇ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିବା ସହ ଦାରିଙ୍ଗିବାଡ଼ିରେ ଆହାର କେନ୍ଦ୍ର କେବେ ବୋଲି ପ୍ରଶ୍ନ କରିଛନ୍ତି। ପ୍ରତିଦିନ ଦାରିଙ୍ଗିବାଡ଼ି ବ୍ଲକ୍ ଅଞ୍ଚଳ ସହିତ ଏହାର ଆଖପାଖ ବ୍ଲକ୍ ଅଞ୍ଚଳର ଶତାଧିକ ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା କରି ଆସିଥାଆନ୍ତି। ଦୂରଦୂରାନ୍ତରୁ ଆସୁଥିବା ଗରିବ ଲୋକମାନଙ୍କ ପାଇଁ ଆହାର କେନ୍ଦ୍ରର ଆବଶ୍ୟକତା ରହିଥିବା ହୃଦ୍‌ବୋଧ କରି ପୂର୍ବତନ ସରକାର ଆହାର କେନ୍ଦ୍ର ମେଡିକାଲ ପରିସରରେ କାର୍ଯ୍ୟକ୍ଷମ କରିବାକୁ ସ୍ଥିର କରି ଅର୍ଥ ଯୋଗାଇ ଦେଇଥିବା କୁହାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଏହା ନ ହେବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ କହିଛନ୍ତି। ରାଜ୍ୟ ସରକାର ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ଏହାକୁ ଗୁରୁତ୍ୱର ସହିତ ନେଇ ଶୀଘ୍ର ଆହାର କେନ୍ଦ୍ର କରି ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି।




# ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସଂଘର ଧାରଣା

ପାରଳାଖେମୁଣ୍ଡି,୧।୯ (ସମିସ)

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଏବଂ କର୍ମଚାରୀ ସମନ୍ୱୟ ସଂଘର ବିଭିନ୍ନ ଦାବି ନେଇ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ କରାଯାଇଥିଲା। ଏହା ସହ ଦାବି ପୁରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ପୂରର କରିବା ପାଇଁ ବାରମ୍ବାର ଜିଲ୍ଲାଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ,ଶିକ୍ଷାମନ୍ତ୍ରୀଙ୍କୁ ବାରମ୍ବାର ପ୍ରସଙ୍ଗ ଉଠାଯାଉଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ ସମସ୍ୟା ସମ୍ପର୍କରେ କୌଣସି ପଦକ୍ଷେପ ନେଉନଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥାକୁ ଉଚ୍ଛେଦ କରି ୧.୧.୨୦୧୮ ରୁ ଏକ ନୂତନ ଏଓଇ ନୀତି-୨୦୧୭ ପ୍ରଚଳନ କରାଯାଇଛି। ଏଓଇ ନୀତିକୁ କୌଣସି ସେବା ସର୍ତ୍ତାବଳୀ ଏବଂ ପେନସନ ସୁବିଧା ବିନା ଅଧିସୂଚିତ କରାଯାଇଥିଲା । ସାରା ରାଜ୍ୟରେ ନୂତନ ସହାୟତାପ୍ରାପ୍ତ ସ୍କୁଲ ଏବଂ କଲେଜର ବହୁ ସଂଖ୍ୟକ ଶିକ୍ଷକ ଏବଂ କର୍ମଚାରୀ ପ୍ରତି ମାସରେ ଖାଲି ହାତରେ ଅବସର ନେଉଛନ୍ତି। ସେମାନଙ୍କୁ ଜୀବନର ବାକି ସମୟ ପାଇଁ ଭୋକରେ ରହିବାକୁ ପଡୁଛି । ୧୯୪ ଯୋଗ୍ୟ ଉଚ୍ଚ ବିଦ୍ୟାଳୟ ଏପର୍ଯ୍ୟନ୍ତ ସରକାରଙ୍କଠାରୁ ଗୋଟିଏ ବି ପାଉଣା ପାଉନାହିଁ । ସେମାନେ ୨୫ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ କାର୍ଯ୍ୟ ପରେ ବି କୌଣସି ଦରମା ବିନା ଅବସର ନେଉଛନ୍ତି। ଅନେକ ଆଲୋଚନା ପରେ ମଧ୍ୟ ଏହା ଏପର୍ଯ୍ୟନ୍ତ ଦାବି ପୂରଣ ହୋଇପାରିନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସମସ୍ତ ଯୋଗ୍ୟ ସ୍କୁଲ ଏବଂ କଲେଜକୁ ଜିଆଇଏ ଫୋଲ୍ଡରେ ସାମିଲ କରିବା, ଓଡିଶା ହାଇକୋର୍ଟଙ୍କ ରାୟ ଅନୁଯାୟୀ ନୂତନ ସହାୟତାପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀଙ୍କୁ ପେନସନ ଏବଂ ସେବା ସର୍ତ୍ତାବଳୀ ପ୍ରଦାନ କରିବା, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ସହ ନୂତନ ସହାୟତାପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପାଇଁ ନୂତନ ସ୍ଥାୟୀ ନିଯୁକ୍ତି ପାଇଁ ବ୍ୟବସ୍ଥା ଶୀଘ୍ର ପ୍ରଚଳନ, ସମସ୍ତ ବର୍ଗ ପାଇଁ ଗ୍ରେଡ୍ ପେରେ ଅସଙ୍ଗତିର ପରିହାର ଏବଂ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ପାଇଁ ଛଅଟି ଭାବଗତ ବୃଦ୍ଧି ଅନ୍ତର୍ଭୁକ୍ତ କରିବା ଏବଂ ସମସ୍ତ ସହାୟତାପ୍ରାପ୍ତ ଓ ନୂତନ ସହାୟତାପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ସରକାରୀକରଣ କରିବା ଦାବିପତ୍ରରେ ଉଲ୍ଲେଖ ରହିଛି ।



## ଗଞ୍ଜେଇ ଜବତ, ୨ ଗିରଫ



ଭଞ୍ଜନଗର,୧।୯ ( ସମିସ): ଏହି ଥାନା ଅନ୍ତର୍ଗତ ଡହ ଡ୍ୟାମ୍ ସାଇଡ୍ ରାସ୍ତାରେ ୨ଜଣ ସନ୍ଦିଗ୍ଧ ବ୍ୟକ୍ତି ମୋଟର ସାଇକେଲରେ ଗୋଟିଏ ଜରି ବସ୍ତାରେ ଗଞ୍ଜେଇ ଧରି ଆସୁଥିବାବେଳେ ପାଟ୍ରୋଲିଂ କରୁଥିବା ପୁଲିସ ଅଟକାଇ ଯାଞ୍ଚ କରିବାବେଳେ ସେମାନେ ଗଞ୍ଜେଇ ଚୋରା ଚାଲଣ କରୁଥିବା ଦେଖିବାକୁ ପାଇଥିଲେ। ପରେ ଏନେଇ ଥାନାକୁ ସୂଚନା ଦେବାପରେ ଅତିରିକ୍ତ ତହସିଲଦାର ଅବିନାଶ ମାହାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ଓଜନପରେ ଏଥିରେ ୨୬କେଜି ୪ଶହ ଗ୍ରାମ ଗଞ୍ଜେଇ ରହିଥିବା ଜଣାପଡିଥିଲା। ଭଞ୍ଜନଗର ପୁଲିସ ଥାନା କେଶ ମାମଲା ରୁଜୁ କରି ଏଥିରେ ସଂପୃକ୍ତ ଅଭିଯୋଗରେ ଆସିକା ସୁନାଆମ୍ବସାହିର ଅଶୋକ ଶିବରାମ ସାହୁ(ବର୍ତ୍ତମାନ ଠିକଣା ରାଇକିଆ) ଓ ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ଭୁଷଣ୍ଡପାଳ ଗ୍ରାମର ସନ୍ତୋଷ କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି।

## ପକ୍ଷାଘାତ ପୀଡ଼ିତାଙ୍କୁ ସହାୟତା

ପାତ୍ରପୁର,୧।୯ (ସମିସ): ଚିକିଟି ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ସେବା ସମିତି ପକ୍ଷରୁ ରବିବାର ପାତ୍ରପୁର ବ୍ଲକ୍ ବମକୋଇ ଗ୍ରାମର ଅସହାୟ ପକ୍ଷାଘାତ ରୋଗରେ ପୀଡ଼ିତ ବୃଦ୍ଧା ସୀତା ବେହେରାଙ୍କ ସହାୟତା ହାତ ବଢ଼ାଇଛି। ସେବା ସମିତି ସଭାପତି ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ସେବା ସମିତିର ବହୁ ସଦସ୍ୟମାନେ ଯାଇ ଏକ ଚାଉଳ ପ୍ୟାକେଟ୍, ଲୁଗା, ପଟି, ତକିଆ, ପାଲ, ଚୌକି, ରାସନ ସାମଗ୍ରୀ ସହ ୩ ହଜାର ଟଙ୍କା ପ୍ରଦାନ କରାଗଲା। ସମିତି ସଦସ୍ୟ ଅରୁଣ କୁମାର ପ୍ରଧାନ, ଡାକ୍ତର ଅଦ୍ରିଶ ତ୍ରିପାଠୀ, ଡାକ୍ତର ରମେଶ ପାତ୍ର, କିଶୋର ପାତ୍ର, ଗୌତମ ରଣା, ମନୋଜ ମହାରଣା, ଭାସ୍କର ଚନ୍ଦ୍ର ପତି ସହଯୋଗ କରିଥିଲେ। ସମିତି ତରଫରୁ ପ୍ରଶାସନକୁ ଅନୁରୋଧ କରାଯାଇଛି ଅଧିକ ସହାୟତା ପ୍ରଦାନ ନିମନ୍ତେ। ଏହିଭଳି ମହତ କାର୍ଯ୍ୟ କରିଥିବାରୁ ବମକେଇ ଗ୍ରାମବାସୀ ସେବା ସମିତି ସଦସ୍ୟଙ୍କୁ ସାଧୁବାଦ୍ ଜଣାଇବା ସହ ଆଗାମୀ ଦିନରେ ଏଭଳି ଜନହିତ କାର୍ଯ୍ୟ ଜାରି ରଖିବା ମତପ୍ରକାଶ ପାଇଛି।

## ଆଞ୍ଚଳିକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରମ୍ଭା,୧।୯ (ସମିସ): ଆଞ୍ଚଳିକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୬ ପରିପ୍ରେକ୍ଷୀରେ ଜୋନାଲସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ଏବଂ କଞ୍ଚଣା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଦୁଇଗୋଟି ଜୋନରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷୟିତ୍ରୀ ଶିବରାଣୀ ମଲ୍ଲିକା ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ ସ୍ୱତନ୍ତ୍ର ଅତିଥି, ସହ ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନ, କନକ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ସାହୁ, ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଖଲ୍ଲିକୋଟ ଜୋନର ସମ୍ପାଦକ ଭଗବାନ ବେହେରା, ବ୍ଲକ୍ ସମ୍ପାଦକ ପୀତବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମା'ବାହୁତୀ ବିଦ୍ୟାଳୟ, ଡିମିରିଆର କ୍ରୀଡା ପ୍ରଶିକ୍ଷକ ମହନ୍ତ ଜେନା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ସିଆର୍‌ସିସି ଶୁଭେନ୍ଦୁ ରାଉତ, କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରକାଶ ଚନ୍ଦ୍ର ସେଠୀ, ପବନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ଡକ୍ଟର ଦ୍ୱାରିକାନାଥ ମହାରଣା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସେହିପରି କଞ୍ଚଣା ଜୋନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ପଞ୍ଚାୟତ ସରପଞ୍ଚ ଚିତ୍ରସେନ ଘୋଷ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ମହାରଣା, ସିଆରସିସି ଅନାଥ ବେହେରା, ପବିତ୍ର ବେହେରା, ସଂଗଠନ ସମ୍ପାଦକ ଜ୍ୟୋସ୍ନାବାଳା ସେନାପତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସ୍ତରୀୟ କ୍ରୀଡାର ବିକାଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁକାନ୍ତ କୁମାର ବେହେରା, ରାଜକିଶୋର ପ୍ରଧାନ, ବାନାମ୍ବର ମଲ୍ଲିକ, ଦୀପ୍ତିମୟୀ ପାତ୍ର, ନୀଳାଚଳ ନାୟକ, ମହନ୍ତ ଜେନା, ଦିଲ୍ଲୀପ ଦାଶ, ଭାସ୍କର ଘାସି, ରାଜେନ୍ଦ୍ର କୁମାର ଦଳବେହେରା, ରାମଚନ୍ଦ୍ର ନାହାକ, ପ୍ରତାପ ଚନ୍ଦ୍ର ଗୌଡ, ଅସିତ୍ କୁମାର ଜେନା, ଅଜିତ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ସାହୁ, ବିଦ୍ୟୁତ୍ ପ୍ରଭା ବଳ ପ୍ରମୁଖ ଉପସ୍ଥିତ ଥିଲେ।



### କୃଷି ବିଭାଗର ଖାମଖିଆଲ ନୀତି

# ସମବାୟ ସମିତିକୁ ଆସିଲାନି ସାର; ଚାହିଁଛନ୍ତି ଚାଷୀ

କୋଦଳା,୧।୯ (ସମିସ)

ଚଳିତ ବର୍ଷ ଧାନ ତଳି ପକାଇବାକୁ ଉପଯୁକ୍ତ ପାଗ ହୋଇନଥିଲା। ଫଳରେ ଚାଷୀ ଦୁଇ ଦୁଇ ଥର ବିହନ ବୁଣି ଯେନତେନ ପ୍ରକାରେ ରୁଆ ବେଉଷଣ କରିଛନ୍ତି। ହେଲେ ବର୍ତ୍ତମାନ ସାରର ଅଭାବୀ ବିକ୍ରି ଚାଷୀ କୁଳକୁ ହନ୍ତସନ୍ତ କରିଦେଇଛି। ଏବେ ସାର ପକାଇବାର ଉପଯୁକ୍ତ ସମୟ ହୋଇଥିବାରୁ ସାରର ଅଭାବ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଉଛି। ବ୍ଲକର ୯ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହେଉଥିବା ବେଳେ ଆହୁରି ୬ ହଜାର ହେକ୍ଟରରୁ ଅଧିକ ଧାନ ଫସଲ ପାଇଁ ୟୁରିଆ ସାରର ଆବଶ୍ୟକତା ପଡୁଛି। ଅପର ପକ୍ଷରେ ସମସ୍ତ ସମବାୟ ସମିତିକୁ ୟୁରିଆ ସାର ପହଞ୍ଚି ଚାଷୀ କିଛି ମାତ୍ରାରେ ପାଇଥିବା ବେଳେ କୋଦଳା ସମବାୟ ସମିତି ସେଥିରୁ ବାଦ ପଡିଛି। ଫଳରେ ଅଞ୍ଚଳରେ ସାରର ଘୋର ଅଭାବ ଦେଖାଦେଇଛି।

ସମବାୟ ସମିତି ସମ୍ପାଦକ ଅରୁଣ ସାହୁଙ୍କୁ ଯୋଗାଯୋଗ ପରେ ସେ କହିଥିଲେ ଯେ, ଚାଷୀଙ୍କ ଆଧାର କାର୍ଡ ପଞ୍ଜୀକରଣ ପାଇଁ ଆବଶ୍ୟକ ପଡୁଥିବା ମେସିନ ଆମ୍ଭକୁ ମିଳିନଥିବାରୁ ଆମ୍ଭେ ୟୁରିଆ ସାର ଉଠାଇ ପାରିଲୁ ନାହିଁ। ତେଣୁ ଯିଏ ଯେଉଁଠାରୁ ବସ୍ତା ପ୍ରତି ୭ଶହ ଟଙ୍କା ପର୍ଯ୍ୟନ୍ତ ଦେଇ ସାର ୟୁରିଆ ସଂଗ୍ରହ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଚାଷୀ ସାର ବିହୁନେ ଚିନ୍ତାରେ ଅଛନ୍ତି। ଚଢା ଦରରେ ବି ମିଳୁନାହିଁ ୟୁରିଆ ସାର। ପ୍ରାୟ ସାର ଦୋକାନରେ ତାଲା ଝୁଲୁଛି, କେମିତି ପାଇବେ ସାର, କେମିତି ଫସଲ ଆଦାୟ କରିବେ ଚାଷୀ, ସାହୁକାରଙ୍କୁ କିପରି ଦେବେ ମହାଶୁଲ, ଭାଗଚାଷୀଙ୍କ ପାଇଁ ଏକମାତ୍ର ଭଗବାନ ହିଁ ଭରସା।

ଏ ନେଇ ଚାଷୀ ଉଦୟ ମୁଦୁଲିଙ୍କ କହିବା କଥା ବର୍ତ୍ତମାନ ସାରର ଆବଶ୍ୟକ ଥିବା ବେଳେ ମିଳୁନି ସାର, ଯଦି କେଉଁଠି ମିଳୁଛି ବୋଲି ଜାଣିବାକୁ ପାଉଛୁ ସେଠାକୁ ଦୌଡୁଛୁ, ଯଦି ମିଳିଲା ଚଢ଼ା ଦରରେ କିଣୁଛୁ ନଚେତ ଗାଡ଼ି ଭଡା ଦେଇ ଫେରି ଆସୁଛୁ। ଏନେଇ କୃଷି ଅଧିକାରୀ ରାମଲାଲ ସମଦ କହିଛନ୍ତି, ଆମେ ଭାବିଛୁ କୋଦଳା ସମବାୟ ସମିତି ସାର ଉଠାଇଛି ବୋଲି କିନ୍ତୁ ସେ ଉଠାଇ ନଥିବା ବର୍ତ୍ତମାନ ଜାଣିବାକୁ ପାଇଲୁ। ମେସିନ ନ ପାଇବା କଥା ସେ ଜଣାଇ ନାହାନ୍ତି, କାହିଁକି ଏବଂ କେଉଁ କାରଣରୁ ସାର ଉଠାଇ ନାହାନ୍ତି ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତା ସପ୍ତାହରେ ପ୍ରଥମ କୋଟା ସାର କୋଦଳା ସୋସାଇଟିରେ ପହଞ୍ଚିବ ବୋଲି ଅତି ଖାମଖିଆଲ ଭାବେ ମନ୍ତବ୍ୟ ଦେଇଛନ୍ତି। ଗୋଟିଏ ପଟେ ଚାଷୀଙ୍କୁ ସାରର ଆବଶ୍ୟକତା ରହିଥିବାବେଳେ ଅନ୍ୟ ପଟେ କୃଷି ବିଭାଗର ଖାମଖିଆଲ ନୀତି ଚାଷୀଙ୍କ ଚିନ୍ତା ବଢ଼ାଇଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ



ବେଲଗୁଣ୍ଠା,୧।୯ (ସମିସ): ବେଲଗୁଣ୍ଠା ବ୍ଲକ ମା' ତଳ କୁମାରଶୁଣି ପୀଠରେ ଉତ୍ତୁରା ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଏବଂ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଏବ ସରପଞ୍ଚ ସଞ୍ଜିବ୍ ନାଇକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍ତୁରା ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ବରିଷ୍ଠ ବିଜେଡି ନେତା ପଞ୍ଚାନନ ସାମଲ୍, ସରପଞ୍ଚ ପ୍ରତିନିଧି ବୁଲୁ ସେଠୀ ଯୋଗ ଦେଇ ଆଗାମୀ ଦିନରେ ସଂଗଠନକୁ କିପରି ସୁଦୃଢ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ସମସ୍ତ ମନୋମାଳିନ୍ୟକୁ ଭୁଲି ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସଂଗଠନକୁ ସଜାଡ଼ିବା ସହିତ ବିଭିନ୍ନ ୱାର୍ଡ୍‌ରୁ ମୁଖ୍ୟ କର୍ମୀଙ୍କୁ ଚୟନ କରି କମିଟି ଗଠନ ପାଇଁ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କର୍ମୀ ରଙ୍କନିଧି ନାଇକ, ଅଯୋଧ୍ୟା ନାଇକ, ଭୋଳାନାଥ ନାଇକ, ସନ୍ତୋଷ ନାଇକ, ବାବୁ ରାମ ନାଇକ, ଜଗନ୍ନାଥ ନାଇକ, ସୁନୀଲ ନାଇକ, ଭଗବାନ ନାଇକ, ରଞ୍ଜିତ୍ ନାଇକ, ଭଗବାନ୍ ନାଇକ, ଗଗନ ନାଇକ, ବଚନ ନାଇକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ଆସିକା,୧।୯ (ସମିସ): ଆସିକାର ଗର୍ବ ଓ ଗୌରବ ଆଣିଲେ ଯୁବ ଖଳାଳୀ ଅବିନାଶ। ଜିଲ୍ଲା ଠାରୁ ଆରମ୍ଭ କରି ରାଜ୍ୟର କୋଣ ଅନୁକୋଣରୁ ଖେଳି ଚାମ୍ପିୟନ ହୋଇ ଟ୍ରଫି ଓ ମାନପତ୍ର ପାଇଥିବା ବେଳେ ପୁଣି ଆସିକା ବିଜୁ ପଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ବ୍ୟାଡ଼ ମିଣ୍ଟନ ପ୍ରତିଯୋଗିତାର ଆସିକାର ଅବିନାଶ ମୁନୀ ସିଙ୍ଗଲ ଓ ଡ଼ବଲସରେ ଚମ୍ପିୟନ ହେବା ସହ ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇ ସମ୍ମାନିତ ହୋଇଛନ୍ତି। ଆସିକା ହରିହର ହାଇସ୍କୁଲ ସ୍ଥିତ ମିନିଷ୍ଟାଡିୟମରେ ମେନସ ସିଙ୍ଗଲ, ମେନସ ଡବଲ, ୪୦ ପ୍ଲସ ମାଷ୍ଟର ବର୍ଗ କୁ ନେଇ ମୋଟ ୬୦ ଟିମ ଏହି ବ୍ୟାଟମିଣ୍ଟନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ମେନସ ସିଙ୍ଗଲ ବ୍ୟାଟମିଣ୍ଟନ ପ୍ରତିଯୋଗିତାରେ ଅବିନାଶ ମୁନି ଚମ୍ପିୟାନ ହୋଇଥିବା ବେଳେ ରୁଦ୍ର ସାମନ୍ତ ରନରସ୍ ଅପ ଭାବେ ବିଜେତା ହୋଇଥିଲେ। ବାଳକ ବର୍ଗରେ ଆଶିଷ ଆଚାରୀ ପ୍ରଥମ ସ୍ଥାନ ଏବଂ ଦ୍ବିତୀୟ ସ୍ଥାନ ଅଧିକାର କରିଛନ୍ତି ପ୍ରେମ ସାଇ ମୁନୀ। ଉଦଯାପନୀ ଉତ୍ସବରେ ଅତିଥି ଭାବେ ସୁଜିତ୍ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ପାଢ଼ୀ, ଆର. ଚିଦାନନ୍ଦ ଆଚରି ଏବଂ ଉଦ୍ୟକ୍ତା ସନ୍ତୋଷ ପଣ୍ଡିତ, ଖେଳାଳି ସାଗର ସାବତ ପ୍ରମୁଖ ଉପସ୍ଥିତ ଥିଲେ।




## ଅଧକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମୋହନା,୧।୯ (ସମିସ): ଗଜପତି ଜିଲ୍ଲା ମୋହନା ସ୍ଥିତ ହିଲ୍‌ଟପ୍ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ସୀମାଞ୍ଚଳ ସାହୁଙ୍କୁ ସୋମବାର ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ୩୫ ବର୍ଷ ଉକ୍ତ କଲେଜରେ ସାହିତ୍ୟ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଗତ ୨୦୧୮ ମସିହାରୁ ସେ କଲେଜର ଅଧକ୍ଷ ଦାୟିତ୍ୱ ସମ୍ପାଦନ କରି ଶନିବାର ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ଇତିହାସ ବିଭାଗ ଅଧ୍ୟାପକ ଭଗବାନ ବିଷୋୟୀଙ୍କୁ ଅଧକ୍ଷ ଦାୟତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ କଲେଜ ପରିସରରେ ଏକ ଭାବ ବିହ୍ୱଳ ପରିସ୍ଥିତି ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟା ସମ୍ପାଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ ମଧୁସୂଦନ ପାଢ଼ୀଙ୍କ ସମେତ କଲେଜ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସାମିଲ ହୋଇଥିଲେ।



## ଏମ୍. ପ୍ରକାଶ ରାଓ ହେଲେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ

ପାରଳାଖେମୁଣ୍ଡି,୧।୯ (ସମିସ): ଗଜପତି ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ ଭାବେ ଏମ୍. ପ୍ରକାଶ ରାଓ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନ୍ଦ୍ର କୁମାର ଆଡେକ୍‌ଙ୍କ ଠାରୁ ଏହି ଦାୟିତ୍ୱ ନେଇଛନ୍ତି। ନୂତନ ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ପୂର୍ବରୁ କୋରାପୁଟ ଜିଲ୍ଲାର ନନ୍ଦପୁରରେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଭବେ କାର୍ଯ୍ୟରତ ଥିଲେ। ପ୍ରାୟ ଏକ ମାସ ଧରି ଏହି ପଦ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କୃଷି ବିଭାଗ ପରିଚାଳିତ ହେଉଥିଲା।

## ରାଷ୍ଟ୍ରୀୟ ଡ୍ରାଇଭର ଦିବସ



ମୋହନା,୧।୯ (ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ଅଡବା ଠାରେ ସୋମବାର ଓଡ଼ିଶା ଡ୍ରାଇଭର ମହାସଂଘ ମୋହନା ବ୍ଲକ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋହନା ବ୍ଲକର ୩୯ ପଞ୍ଚାୟତର ଶତାଧିକ ଡ୍ରାଇଭର ଯୋଗ ଦେଇଥିଲେ। ସଙ୍ଘ ପକ୍ଷରୁ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ ସହ ଅଡବା ଗ୍ରାମ ପରିକ୍ରମା କରାଯିବା ପରେ ସ୍ଥାନୀୟ ହାଟପଦାରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ଡ୍ରାଇଭର ମହାସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଡ୍ରାଇଭର ସଙ୍ଘ ସଭାପତି ମଧୁ ସାଗର, ଉପସଭାପତି ବଚନ ମହାରଥୀ, ମୋହନା ବ୍ଲକ ସଭାପତି ବିଜୟ ବେହେର୍ଦ୍ଦଲାଇ, ଉପସଭାପତି ରତ୍ନା ବଳିଆରସିଂଙ୍କ ସମେତ ସଙ୍ଘର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ଯୋଗଦେଇଥିଲେ।

## ଜଣେ ଡାକ୍ତରରେ ରୋଗୀ ସେବା



ବାଲିଗୁଡ଼ା,୧।୯ (ସମିସ): ଜଣେ ଡାକ୍ତରରେ ଚାଲିଛି ରୋଗୀ ସେବା। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି ବିପର୍ଯ୍ୟସ୍ତ ରୋଗୀ ସେବା। ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଖାପାଖି ୭ ପଞ୍ଚାୟତର ଅଞ୍ଚଳବାସୀ ନିର୍ଭର କରୁଛନ୍ତି। ଶହ ଶହ ରୋଗୀ ଆସନ୍ତି ଚିକିତ୍ସା ପାଇଁ । ହେଲେ ଡାକ୍ତର ଅଭାବ ଯୋଗୁଁ ନିରାଶ ହୋଇ ଫେରିବା ମଧ ହେଉଛନ୍ତି। ଯଦି ବି ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଡାକ୍ତର ଅଛନ୍ତି କିନ୍ତୁ ଜଣେ ଡାକ୍ତରରେ ଚାଲିଛି ରୋଗୀ ସେବା। ଦୂର ଦୁରାନ୍ତରରୁ ଆସି ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସହ ଅନେକ ସମସ୍ୟା ପଡୁଥିବା ଦେଖିବାକୁ ମିଳିଛି। ଡାକ୍ତରଙ୍କୁ ଭାଗବାନ ଙ୍କ ଦ୍ୱିତୀୟ ରୂପ ବୋଲି କହୁଥିବା ବେଳେ ନିଜ କର୍ତ୍ତବ୍ୟ ଠିକ୍ ଭବେ କରୁନଥିବା ଦେଖାଯାଉଛି। ଏ ବିଷୟରେ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ସୁଶାନ୍ତ ମଣ୍ଡଳଙ୍କୁ ପଚାରିବାରୁ ଦୁଇ ଜଣ ଡାକ୍ତର ଓପିଡି ରେ ଅଛନ୍ତି ବୋଲି କହିଥିଲେ। କିନ୍ତୁ ଜଣେ ଡାକ୍ତରରେ ରୋଗୀ ସେବା ଚାଲିଛି ତାହା ଜାଣିପାରୁନାହାନ୍ତି କେମିତି ଅଧିକାରୀ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଅସୁବିଧା ଥିବା ସମୟରେ ଅଧିକାରୀ ବାଲିଗୁଡ଼ା ରହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣ ଦେଖା କରିବା ପରିତାପର ବିଷୟ ହୋଇଛି। ଦିନକୁ ଶହ ଶହ ରୋଗୀ ଆସୁଛନ୍ତି। ହେଲେ ଉତ୍ତମ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଲୋକେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ



ଧରାକୋଟ,୧।୯ (ସମିସ): ଧରାକୋଟ ବ୍ଲକର ଓଲମ୍ବା ପଞ୍ଚାୟତରେ ଜନଶୁଣାଣି ହୋଇଯାଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡ଼ିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ ସୁଧାକର ସ୍ୱାଇଁ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଗୌଡ଼, ଯୋଗାଣ ଅଧିକାରୀ ସଂଜୟ ମଲ୍ଲିକ, ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ବିଏସଏସଓ ସଚିନ୍ ପାତ୍ର, ଡଃ ସଚିଦାନନ୍ଦ ବିଷୋୟୀ, ଡ ଶଙ୍କର ନାରାୟଣ ବେହେରା, ଏବିଇଓ ବିଭୂତି ଭୂଷଣ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ୪୧ ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ।

**ପୋଲସରା:** ପୋଲସରା ବ୍ଲକ ଅନ୍ତର୍ଗତ ଜା.ଡେଙ୍ଗାପଦର ପଞ୍ଚାୟତରେ ଜନ ଶୁଣାଣି ହୋଇଯାଇଛି। ପୋଲସରା ବିଡିଓ ଶଶୀଭୁଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜା.ଡେଙ୍ଗାପଦର ଓ ମର୍ଦ୍ଦରାଜପୁର ଗ୍ରାମର ମୋଟ ୬୫ ଜଣ ମହିଳା ଓ ପୁରୁଷ ନିଜର ନାମ ପଞ୍ଜିକରଣ କରିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ଦିପ୍ତୀମୟୀ ପାତ୍ର, ଏବିଡିଓ ସୋନମ୍ ବେହେରା, ସିଡିପିଓ ତିଳୋତ୍ତମା ରାଉତ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୋଛନା ରାଣୀ ଦେହୁରୀ, ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।




**ସୋରଡ଼ା:** ସୋରଡ଼ା ବ୍ଲକର ଗାଜଲବାଡୀରେ ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ସୋରଡ଼ା ଥାନାଧିକାରୀ ସୁନୀଲ କୁମାର ପ୍ରଧାନ, ସୋରଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ସରପଞ୍ଚ ରଶ୍ମିତା ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବ ରାଜ ସେନାପତି, ସହକାରୀ ନିର୍ବାହୀ ଯନ୍ତ୍ରୀ କେ ସନ୍ତୋଷ କୁମାର ପାତ୍ର, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଜିତ ବେହେରା, ଏଡ଼ିଓ ବିଫଟି ଆଦି ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ।



**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ମୋଟ ୫୭ଟି ଅଭିଯୋଗ ଆସିଥିଲା। ସେଗୁଡ଼ିକୁ ଜିଲ୍ଲାପାଳଙ୍କ ନିକଟକୁ ପଠାଯିବ ବୋଲି ବିଡିଓ ଦେବାଶିଷ ସାମଲ କହିଛନ୍ତି। ବିଡିଓଙ୍କ ସହିତ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଖଲ୍ଲିକୋଟ ଥାନା ଅତିରିକ୍ତ ଆଇଆଇସି ପୂର୍ଣ୍ଣ ଚନ୍ଦ୍ର କିଶାନ, ଏବିଡିଓ ଗାୟତ୍ରୀ ପଣ୍ଡା, ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀ କହ୍ନେଇପୁର ସରପଞ୍ଚ ପ୍ରକାଶ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।



**ଶେରଗଡ:** ଶେରଗଡ଼ ବ୍ଲକ ଧନନ୍ତର ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡ଼ିଓ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ, ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ସିଡିପିଓ ମମତାଞ୍ଜଳି ପଣ୍ଡା, ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହିତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପଞ୍ଚାୟତରୁ ମୋଟ ୧୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।

**ପାତ୍ରପୁର:** ପାତ୍ରପୁର ବ୍ଲକ ମନ୍ଦରଡା ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ପ୍ରାୟ ୫୯ ଗୋଟି ଅଭିଯୋଗ ପଞ୍ଜୀକରଣର ହୋଇଥିଲା। ସେହିପରି ଆଜି ପାତ୍ରପୁର ବ୍ଲକ ଜରଡା ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅଶୋକ ପଟ୍ଟନାୟକ, ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ଜରଡା ଥାନା ଅଧିକାରୀ ଟୁନା ସାସମଲ ସ୍ଥାନୀୟ ସରପଞ୍ଚ ତିଳ ବେହେରାଙ୍କ ସହିତ ପାତ୍ରପୁର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ କଂସାମାରି ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ୧୫୭ଟି ଅଭିଯୋଗର ଶୁଣାଣୀ ହୋଇଥିଲା। ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ସାନଖେମୁଣ୍ଡି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ କୋରେଶୁ ସେଠୀ, ଗୋଷ୍ଠୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭବାନୀ ବେହେରା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୋଲାଲିସା କିସ୍କୋ, ଗୋଷ୍ଠୀ କୃଷି ଅଧିକାରୀ ଜୟପ୍ରଭା ଆଚାର୍ଯ୍ୟ, ସରପଞ୍ଚ ଡାକ ଦୋରା, ସମିତି ସଭ୍ୟ ଦଣ୍ଡପାଣି ବେହେରାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**କୁକୁଡାଖଣ୍ଡି:** ବ୍ଲକ ଅନ୍ତର୍ଗତ ଅଙ୍କୁଶପୁର ଠାରେ ଜନଶୁଣାଣି ହୋଇଥିଲା। ଏଥିରେ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିଁକେ ନୋଡାଲ ଅଫିସର ଭାବେ ଯୋଗଦେଇଥିବା ବେଳେ କୁକୁଡାଖଣ୍ଡି ତହସିଲଦାର ରାଜକିଶୋର ପଟନାୟକ, ଜିପିଓ ସୁପ୍ରଭା, ସରପଞ୍ଚ ମୁରଲୀ ସେଠୀ, ସମିତି ସଭ୍ୟା ସୁନିତା ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ। ଶୁଣାଣିରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ୮୯ଟି ଅଭିଯୋଗ ଆସିଥିଲା ବେଳେ ୪୧ଟି ଅଭିଯୋଗକୁ ଶୁଣାଣି କେନ୍ଦ୍ରରେ ସମାଧାନ କରାଯାଇଥିଲା।

ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ ମହାପାତ୍ର, ଆର.ଡ଼ି ଯନ୍ତ୍ରୀ ଆଶୁତୋଷ ବେହେରା, ବିଦ୍ୟୁତ ବିଭାଗର ବିଭୂତି ନନ୍ଦ, ଏସବିଆଇ ବ୍ୟାଙ୍କ କର୍ମଚାରୀ, ଅଙ୍କୁଶପୁର ପିଇଓ ସୁନିତା କୁମାରୀ ଭଟ, ଅଙ୍କୁଶପୁର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ଯୋଗାଣ ନିରୀକ୍ଷକ ବୁଲୁ ସାହୁ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିବା ବେଳେ କୁକୁଡାଖଣ୍ଡି ପଶୁ ଚିକିତ୍ସାଳୟ ଅଧିକାରୀ ଅଭିଯୋଗ ଚାଲିଥିବା ବେଳେ ଅଧାରୁ କୁଆଡେ ଚାଲିଯାଇଥିବା ବେଳେ ଅଭିଯୋଗ ଶୁଣାଣି ସରିଲା ପର୍ଯ୍ୟନ୍ତ ଆଉ ଦେଖା ନଥିଲା। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା।



